## ବୁଢାରଜା କ୍ରିକେଟ: ଖଲିଆପାଲି ଚାମ୍ପିୟନ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତ ଅଧୀନ ବୁଢୁଡା ଗ୍ରାମରେ ଚାଲିଥିବା ୧୨ତମ ବୁଢାରଜା କ୍ରିକେଟ କପ୍ ମଙ୍ଗଳବାର ଶେଷ ହୋଇଛି। ପୁଟୁଡେରା ଏବଂ ଖଲିଆପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇ ଖଲିଆପାଲି ବିଜୟୀ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଜ୍ୟୋତ୍ସ୍ନାମୟୀ ଦାଶ, ପ୍ରବୀଣ ଦାଶ, କୁମୁଦ ସାହୁ, ସରୋଜ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଦଳକୁ ଜ୍ୟୋତ୍ସ୍ନାମୟୀ ଦାଶ ପୁରସ୍କୃତ କରିଥିବା ବେଳେ ମଙ୍ଗଲୁ ଚୌହାନଙ୍କୁ ପ୍ରୀତିଶ ଦାଶ ପୁରସ୍କୃତ କରିଥିଲେ। ଟିକେଶ୍ୱର ବରିହା, ଡାକ୍ତର ସାହୁ, କେତନ ବରିହା, ପ୍ରକାଶ ଦାଶ, ହେମନ୍ତ ବଡଗୁଛିଆ, ତରଣୀ ସାହୁ, କ୍ଷୀର ମେହେର, ଗଜାନନ ବୁଡେକ, ଭରତ ବୁଡେକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ତରଳ ମଳ ଉପଚାର ପ୍ଲାଣ୍ଟ ଲୋକାର୍ପିତ

ପଦ୍ମପୁର,୮।୨(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମେହେରପଡାରେ ୧୦ ହଜାର ଲିଟର ବିଶିଷ୍ଟ ତରଳ ମଳ ଉପଚାର ପ୍ଲାଣ୍ଟକୁ ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଡିଆରଡିଏ ପିଡି କୃତ୍ତିବାସ ରାଉତ, ଏନଏସି ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ରନସାଏ ସିଂହ, ସ୍ୱଚ୍ଛତା ବିଶେଷଜ୍ଞ ଦୁଷ୍ମନ୍ତ ବେହେରା, ଆକାଉଣ୍ଟାଣ୍ଟ ସୌମ୍ୟବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ଲାଣ୍ଟ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଛି। ତରଳ ମଳ ଉପଚାର ପରେ ଶୁଷ୍କ ଅବଶେଷକ ଜୈବିକ ଖତ ଭାବେ କୃଷି କାର୍ଯ୍ୟରେ ବ୍ୟବହାର ହୋଇପାରିବ ବୋଲି ଏନ୍ଏସି ଅଧିକାରୀ ସାହୁ କହିଛନ୍ତି।

### କଳାହାଣ୍ଡି ପୋଲିସ ପକ୍ଷରୁ ସଚେତନତା



କେସିଙ୍ଗା,୮।୨(ଡି.ଏନ.ଏ.): ତ୍ରିସ୍ତରୀୟ ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଳାହାଣ୍ଡି ପୋଲିସ ପକ୍ଷରୁ ଏକ ଅଭିନବ ଉପାୟରେ ପାଦରେ ଚାଲି ଲୋକଙ୍କୁ ସଚେତନତା କରୁଥିବା ଜଣାପଡିଛି। ଏହିକ୍ରମରେ ମଙ୍ଗଳବାର କେସିଙ୍ଗା ପୋଲିସ ଅନ୍ତର୍ଗତ ପଲମ ଫାଣ୍ଡି ଅଧୀନ ତୁଣ୍ଡଲା, ସିରଜାପାଲି, ବାଦୀପଡା, ନର୍ଲା ଥାନା ଅଧୀନରେ ଥିବା ଘଣ୍ଟାମାଲ, ବୁରାଟ ଅଞ୍ଚଳରେ ଲୋକଙ୍କୁ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଚେତନତା କରିଥିଲେ। ସେହିପରି ଲାଞ୍ଜିଗଡ ଥାନାର କଲୋନୀପଡା, ରାଜାପଡା, ଆଶ୍ରମପଡା, ବନ୍ଧପଡା, ମାର୍କେଟପଡା, ବିଶ୍ୱନାଥପୁର ଥାନାର ବିଭିନ୍ନ ଗ୍ରାମକୁ ପାଦରେ ଚାଲି ତ୍ରିସ୍ତରୀୟ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ କୌଣସି ଗ୍ରାମରେ ଅପ୍ରତିକର ଘଟଣା ନ ଘଟିବ ସେଥିପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେସିଙ୍ଗା ସର୍କଲର ଏସ୍‌ଡିପିଓ ଅଭିନାଭ ଶଙ୍କର, ଆଇଆଇସି ଏସ.କେ. ନନ୍ଦ, ପଲମ ଫାଣ୍ଡି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

### ବାହାରିଲା କରୋନା ସଚେତନତା ରଥ

ଅମରପାଲି,୮।୨(ଡି.ଏନ.ଏ.): କରୋନା ସଚେତନତା ଓ ଟୀକାକରଣ ସକାଶେ ବାହାରି ଥିବା ସଚେତନତା ରଥ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକ ପରିକ୍ରମା କରିଛି। ସୋନପୁରର ଏକସନ ଏଡ, ରେଆର ଓ ଗ୍ରାମଥାନ, ଖଣ୍ଡହତାର ସିୟା ପରିବାର, ଉଲୁଣ୍ଡାର ଯୁବ ମହାସଂଘ, ହେଲପ ଟୁ ଅଦର ଓ ମହାନଦୀ ଯୁବ ସଂଗଠନ ତରଫରୁ ବାହାରି ଥିବା ଏହି ରଥ ବ୍ଲକର ଉଫୁଲା, ଚମ୍ପାମାଲ, ବାଗବର, ଜଟେସିଂହା, ସୁବଲୟା, ପିତାମହୁଲ, କମିରା, ସଂଗ୍ରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଗ୍ରାମର ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ସା, ଆଶିଷ ନାୟକ, ଗୁଣାନିଧି ମାଝୀ ଓ ସୁଦାମ ଗାଇଗରିଆ ପରିଚାଳନା କରିଥିଲେ।

# ସମ୍ମାନ ରକ୍ଷା ପାଇଁ ଲଢେଇ

ସୁନ୍ଦରଗଡ, ୮।୨(ଡି.ଏନ୍.ଏ.)

**ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି (କ) ଜିଲା ପରିଷଦ ଜୋନ୍**



ଗେଲବତୀ ପଟେଲ(ବିଜେଡି) ପୂଜା ପଟେଲ(ଭାଜପା) ସୁଲୋଚନା ଭୋଇ(ସିପିଆଇ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ ଜିଲାରେ ରାଜନୈତିକ ବାତାବରଣ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଜିଲାର ୩୫ଟି ଜିଲା ପରିଷଦ ଆସନରେ ଧୀରେ ଧୀରେ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଜୋର ଧରିଲାଣି। ପ୍ରମୁଖ ରାଜନୈତିକ ଦଳଗୁଡିକ ନିଜର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଗାଆଁକୁ ଗାଆଁ ଘରକୁ ଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଜିଲାର ସୁନ୍ଦରଗଡ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି 'କ' ଜିଲାପରିଷଦ ଜୋନ୍‌ରେ ଏଥର ବିଜେଡି, ଭାଜପା ଓ ସିପିଆଇ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏହି ଜିଲା ପରିଷଦ ଆସନରେ ବିଜେଡି ତରଫରୁ ଆଇନଜୀବୀ ଗେଲବତୀ ପଟେଲ, ଭାଜପା ତରଫରୁ ପୂଜା ପଟେଲ, ସିପିଆଇ ତରଫରୁ ସୁଲୋଚନା ଭୋଇ ଓ ଯଶୋଦା ପଟେଲ ଜାତୀୟ କଂଗ୍ରେସର ପ୍ରାର୍ଥୀନୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନଙ୍କ ନିଜସ୍ୱ ବ୍ୟକ୍ତିଗତ ଜନ ସଙ୍ଗଠନ ନ ଥିବା ବେଳେ ପ୍ରାର୍ଥୀମାନେ ନିଜ ନିଜ ଦଳୀୟ ସଙ୍ଗଠନ ଏବଂ କର୍ମୀମାନଙ୍କ ଭରସାରେ ନିର୍ବାଚନ ଲଢୁଛନ୍ତି। କିନ୍ତୁ ସିପିଆଇ ପ୍ରାର୍ଥୀ ଜଣେ ଆଦିବାସୀ ମହିଳା ହୋଇଥିବା ବେଳେ ବିଭିନ୍ନ ସଙ୍ଗଠନ ଜରିଆରେ ଜନସମ୍ପର୍କକୁ ସୁଦୃଢ ରଖିଛନ୍ତି। ତେବେ ସମ୍ମାନ ରକ୍ଷା ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ଜୋରଦାର ହେବାକୁ ଯାଉଛି ।

ଟାଙ୍ଗରପାଲି ବ୍ଲକର ଗମ୍ଭାରଡିହି, ଉଜ୍ଜଳପୁର, କିରିପସିରା, ନିଆଲିପାଲି, ଯୋଗୀମାଲ, ରେମଣ୍ଡା ଓ ମଙ୍ଗସପୁର ଆଦି ୭ଟି ପଞ୍ଚାୟତକୁ ନେଇ ଗଠିତ ଟାଙ୍ଗରପାଲି 'କ' ଜିଲା ପରିଷଦ ଜୋନ୍ ଏଥର ଅଣସଂରକ୍ଷିତ ମହିଳାଙ୍କ ପାଇଁ ରହିଛି। ଏହି ଆସନରେ କଂଗ୍ରେସ, ଭାଜପା, ସିପିଆଇ ଓ ବିଜେଡି ତରଫରୁ ପ୍ରାର୍ଥୀ ଦିଆଯାଇଛି। ଏହି ଜୋନରେ ସମୁଦାୟ ୨୪ ହଜାର ୩୬୦ଜଣ ଭୋଟର ରହିଛନ୍ତି। ଜିଲା ପରିଷଦ ନିର୍ବାଚନରେ ଏହି ଜୋନ୍‌ରେ ୫ ଥରରୁ ୩ ଥର ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ କଂଗ୍ରେସ ଏବଂ ବିଜେଡି ଥରେ ଲେଖାଏ ବିଜୟର ସ୍ୱାଦ ଚାଖିଛନ୍ତି। ପ୍ରାରମ୍ଭରୁ ଏହି ଆସନ ଭାଜପାର ସୁରକ୍ଷିତ ଆସନ ଭାବେ ଗଣା ହେଉଥିବା ବେଳେ ଗତ ୨୦୦୭ରେ କଂଗ୍ରେସର ଟାଣୁଆ ଯୁବ ନେତା ନିର୍ମଳ ନାଏକ ଏହି ଆସନକୁ ଭାଜପା ହାତରୁ ଛଡାଇ ନେଇଥିଲେ। ରାଜ୍ୟରେ ବିଜେଡି ଓ ଭାଜପାର ମେଣ୍ଟ ଭାଙ୍ଗିବା ପରେ ୨୦୧୨ ମସିହାରେ ପ୍ରଥମଥର ପାଇଁ ବିଜେଡି ଏକାକୀ ନିର୍ବାଚନ ଲଢିଥିଲା। ସେତେବେଳର ବିଜେଡି ବ୍ଲକ ସଭାପତି ଯୁବ ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ଗୋଟି ଚାଳନାରେ ବିଜେଡି ପ୍ରାର୍ଥିନୀ ବଲ୍ଲଭୀ ନାଏକ ବିଜୟ ହାସଲ କରିଥିଲେ। ସେ ସମୟରେ ସିପିଆଇ ନିର୍ବାଚନ ଲଢୁ ନ ଥିଲା। ଏହାର ସୁଯୋଗ ନେଇ ସନ୍ତୋଷ ଆଚାର୍ଯ୍ୟ ସିପିଆଇର ସମସ୍ତ ଗଣସଂଗଠନ ସହିତ ଉତ୍ତମ ସଂପର୍କ ରଖି ତାଙ୍କର ସମସ୍ତ ଭୋଟକୁ ବିଜେଡି ଖାତାରେ ନେବାକୁ ସକ୍ଷମ ହୋଇ ବିଜେଡିକୁ ପ୍ରଥମ ବିଜୟର ଭେଟି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ବ୍ଲକ ବିଜେଡି ପଦ ଛାଡିବା ପରେ ମଧ୍ୟ ୨୦୧୭ ନିର୍ବାଚନରେ ପୁଣି ବିଜେଡି ଏହି ଆସନକୁ ଦଖଲ କରି ନେଇଥିଲା। ହେଲେ ବର୍ତ୍ତମାନ ଏହି ବ୍ଲକରେ ରାଜନୈତିକ ସମୀକରଣ ବଦଳି ଯାଇଛି। ପୂର୍ବତନ ବିଜେଡି ନେତ୍ରୀ କୁସୁମ ଟେଟେ ବିଜେଡି ଛାଡି ଭାଜପା ଟିକେଟରେ ବର୍ତ୍ତମାନ ସୁନ୍ଦରଗଡର ବିଧାୟିକା ରହିଥିବା ବେଳେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ଛାଡି ଏବେ ବିଜେଡିର ମଙ୍ଗ ଧରିଛନ୍ତି। ବିଜେଡିର ପୂର୍ବତନ ବ୍ଲକ ସଭାପତି ସନ୍ତୋଷ ଆଚାର୍ଯ୍ୟ ଏବେ ସିପିଆଇରେ ଯୋଗ ଦେଇଛନ୍ତି। ଚଳିତ ନିବାଚନରେ ଏହି ଆସନରେ ସିପିଆଇ ପ୍ରଥମ ଥର ଲାଗି ପ୍ରାର୍ଥୀ ଦେଇଥିଲେ ମଧ୍ୟ ସିପିଆଇର ବ୍ୟାପକ ଗଣ ସଂଗଠନ ରହିଛି। ଫଳରେ ଏହି ନିର୍ବାଚନ ଏବେ ସିପିଆଇକୁ ଲାଭଦାୟକ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ସେହିପରି ବିଗତ ଜିଲାପରିଷଦ ନିର୍ବାଚନ ଫଳାଫଳକୁ ଦେଖିଲେ ଗତ ୫ଟି ନିର୍ବାଚନ ମଧ୍ୟରୁ ୪ଥର ଉଜ୍ଜଳପୁର ଗ୍ରାମର ପ୍ରାର୍ଥୀମାନେ ବିଜୟ ହାସଲ କରିଛନ୍ତି। ଏହି ଜୋନ୍‌ର ଭୌଗୋଳିକ ସ୍ଥିତି ଏପରି ଯେ ଉଜ୍ଜଳପୁର ଗ୍ରାମ ପଞ୍ଚାୟତର ୫୯୭୮ ଭୋଟର ଏବଂ ଗମ୍ଭାରୀଡିହି ଗ୍ରାମ ପଞ୍ଚାୟତର ୩୩୧୪ ଭୋଟର ଅଛନ୍ତି। ଏହି ୨ଟି ପଞ୍ଚାୟତର ଭୋଟରମାନେ ନିର୍ଣ୍ଣାୟକ ଭୂମିକା ନେଇ ଥାଆନ୍ତି। ସେହିପରି ମଙ୍ଗସପୁର, ରେମଣ୍ଡା, ନିଆଲିପାଲି, ଯୋଗୀମାଲ ଓ କିରିପସିରା ଗ୍ରାମ ପଞ୍ଚାୟତର ଭୋଟ ବିଭାଜିତ ହୋଇଥାଏ। ଚଳିତ ନିର୍ବାଚନରେ ମଙ୍ଗସପୁର ଗ୍ରାମ ପଞ୍ଚାୟତର ୪୮୬୧ ଭୋଟର, ରେମଣ୍ଡା ଗ୍ରାମ ପଞ୍ଚାୟତର ୨୦୬୬ ଭୋଟର, ନିଆଲିପାଲି ପଞ୍ଚାୟତର ୨୯୦୫ ଭୋଟର, ଯୋଗୀମାଲର ୨୮୯୧ ଭୋଟର ଏବଂ କିରିପସିରା ପଞ୍ଚାୟତର୨୩୪୫ ଭୋଟର ରହିଛନ୍ତି। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଭୋଟ ଭିକ୍ଷା କରୁଥିବା ବେଳେ ଭାଜପା ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଭୋଟ ଭିକ୍ଷା କରୁଛନ୍ତି। ସିପିଆଇ ଦୁର୍ନୀତି, ଭ୍ରଷ୍ଟାଚାର, ଚାଷୀ ମୂଲିଆଙ୍କ ଅଧିକାରକୁ ନେଇ ନିର୍ବାଚନ ଲଢୁଛି। ସେହିପରି କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦରଦାମ ବୃଦ୍ଧି ଓ ବିଭିନ୍ନ ଦୁର୍ନୀତିକୁ ଟାର୍ଗେଟ କରି ନିର୍ବାଚନ ଲଢୁଛି। ଭାଜପା ଓ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଅନୁମାନ କରାଯାଏ। ଗୋଟିଏ ପଟେ ଚଳିତ ନିର୍ବାଚନ ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡାଙ୍କ ସହ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ସିପିଆଇ ପାଇଁ ଏକ ସୁଯୋଗ ଦେଖାଦେଇଛି। ବିଜେଡି ଛାଡି ସିପିଆଇର ମଙ୍ଗ ଧରିଥିବା ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟଙ୍କ ପାଇଁ ମଧ୍ୟ ସମ୍ମାନର ପ୍ରଶ୍ନ ହୋଇଛି। ଆସନ୍ତା ୨୪ ତାରିଖରେ ଏହି ଜୋନ୍‌ରେ ଭୋଟଗ୍ରହଣ ହେବ।

## ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଦେବଗଡ଼, ୮।୨(ଡି.ଏନ.ଏ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ଦେବଗଡ ନେହେରୁ ଯୁବକେନ୍ଦ୍ର ଓ ବସାଲଇ ପଞ୍ଚାୟତ ଅସନନାଳି ଗ୍ରାମର ଗ୍ରୀନ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହିଳା ପୁରୁଷମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ନୂଆଁଗାଁ ଦଳ ଚାମ୍ପିୟନ ହୋଇଥିବା ବେଳେ ଅସନନାଳି ଦଳ ରନର୍ସ ଅପ୍ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ନେହେରୁ ଯୁବକେନ୍ଦ୍ରର ନର୍ମଦା ବେହେରା ମୁଖ୍ୟଅତିଥି, ବେଣୁଧର ବେହେରା, ରବୀନ୍ଦ୍ରନାଥ ବେହେରା, ପଠାଣି ସାମଲ ଓ ଗଦାଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଦେବବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସଭାପତି ପଞ୍ଚାନନ ବେହେରା ଓ ସମ୍ପାଦକ ଦେବବ୍ରତ ବେହେରାଙ୍କ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## କଣ୍ଡରାକୁ ସ୍ଥାୟୀ ରାସ୍ତା ଦାବିରେ ଜାତୀୟ ରାଜପଥ ଅବରୋଧ

**ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା**

ବୌଦ୍ଧ,୮।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ବଣପାହାଡ ଘେରା ତଥା ଆଦିବାସୀ ଅଧୁଷିତ ବହୁଳ ଅଞ୍ଚଳ । ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ପାଇଁ ଗାଁଗୁଡିକ ସରଗରମ ହୋଇ ପଡିଥିବା ବେଳେ ଏପଟେ ଆଦିବାସୀ ହରିଜନ ସଂଗ୍ରାମ ସମିତି ପକ୍ଷରୁ ମୌଳିକ ସୁବିଧା ଦାବିରେ ମଙ୍ଗଳବାର ମାଧପୁରଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଏଥିଯୋଗୁ ପ୍ରାୟ ୩ ଘଣ୍ଟା ଧରି ଶତାଧିକ ଯାନବାହାନ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତର ବଣପାହାଡ ଘେରା ଅଞ୍ଚଳ ହେଉଛି କଣ୍ଡରା, କାଚପାଜୁ ,ବାଙ୍କପାଜୁ ଓ ସୁଲକେଟି । ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ସବୁଦିନିଆ ରାସ୍ତା ହୋଇ ପାରିନାହିଁ । ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଫଳରେ ମଙ୍ଗଳବାର ଉପରୋକ୍ତ ୪ଟି ଗ୍ରାମର ଅଧିବାସୀ ଆଡେଣିଗଡ ଠାରୁ କଣ୍ଡରା ପର୍ଯ୍ୟନ୍ତ ସବୁଦିନିଆ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ସକାଳ ୬ଟାରୁ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ଏଥିଯୋଗୁ କନ୍ଧମାଳ ଓ ବୌଦ୍ଧ ଜିଲାକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଥିଲା । ଦୀର୍ଘ ୩ ଘଣ୍ଟା ପରେ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର ଅବରୋଧ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ କିଛି କରିହେବ ନାହିଁ । ନିର୍ବାଚନ ଶେଷ ପରେ ଗ୍ରାମକୁ ଯାଇ ତଦାରଖ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ତେବେ ଗ୍ରାମବାସୀ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି ।

## ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ

ଦେବଗଡ଼,୮।୨(ଡି.ଏନ.ଏ)

ଦେବଗଡ଼ ଜିଲା ବଡଛାପଲ ଗ୍ରାମପଞ୍ଚାୟତର ମଉଛକ ନିକଟରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଭାଜପା ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଚଳିତ ପଞ୍ଚାୟତ ନିର୍ବାଚନରେ ତିଲେଇବଣି ଜିଲା ପରିଷଦ ଜୋନ-୨ର ଦଳୀୟ ପ୍ରାର୍ଥିନୀ ସସ୍ମିନୀ ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସମ୍ପାଦକ ଅକାଲୁ ଧଳ, ବିରଞ୍ଚି ନାରାୟଣ ନନ୍ଦ, ରୁନା ପଣ୍ଡା, ଭୀମ ସାହୁ ଓ ପୂର୍ବତନ ସରପଞ୍ଚ ଠକଲା ଠାକୁରଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ଜିଆ ଚାଷ ଉପରେ ତାଲିମ ଶିବିର



ତାଲିମ ଶିବିରରେ ଯୋଗ ଦେଇଥିବା ବୈଜ୍ଞାନିକ ଓ ଅନ୍ୟମାନେ ।

ସୁନ୍ଦରଗଡ,୮।୨(ଡି.ଏନ୍.ଏ.)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ ତରଫରୁ ସୁନ୍ଦରଗଡ କୃଷିବିଜ୍ଞାନ କେନ୍ଦ୍ର ସହାୟତାରେ ଜିଆ ଖତ ପ୍ରସ୍ତୁତି ଉପରେ ମଙ୍ଗଳବାର ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଜ୍ଜଳପୁର ବନଚେତନା କେନ୍ଦ୍ରଠାରେ ଆୟୋଜିତ ଏହି ତାଲିମ ଶିବିରରେ ୨୦ଟି ବନସୁରକ୍ଷା ସମିତିର ୬୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମ ଆଗ୍ରହୀ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଓ ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଜିଆ ଖତ ପ୍ରସ୍ତୁତି ପ୍ରଣାଳୀ, ଏହାର ଆବଶ୍ୟକତା, ଉପାଦେୟତା ଓ ବଜାର ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହଭାଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ, ମନୋରଞ୍ଜନ ମଲ୍ଲିକ, ସଂଯୋଜକ ରାଜେଶ କୁମାର ମହାପାତ୍ର, ସବ୍ୟସାଚୀ ରଥ ଓ ଅର୍ପିତା ରାଣୀ ସରାଫ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଜ୍ଜଳପୁର ବନବିଭାଗର ବନପାଳ ହେମବତୀ ସିଂ ଯୋଗଦେଇ ଆବର୍ତ୍ତନ ପାଣ୍ଠିର ସୁପରିଚାଳନା କରି ଜିଆ ଖତ ବ୍ୟବସାୟ ଦ୍ୱାରା ବନସୁରକ୍ଷା କମିଟି ସଦସ୍ୟଙ୍କ ରୋଜଗାର ବୃଦ୍ଧି ହୋଇପାରିବ ବୋଲି କହିଥିଲେ। ପ୍ରକାଶଥାଉ କି, ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ୩୦ଟି ବନସୁରକ୍ଷା ସମିତିରେ ଆବର୍ତ୍ତନ ପାଣ୍ଠିର ପରିଚାଳନା ପାଇଁ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରାଯାଇଛି।

## ବାରକୋଟରେ ବିଜେଡିର ମିଶ୍ରଣ ପର୍ବ

ଦେବଗଡ଼,୮।୨(ଡି.ଏନ.ଏ)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଡଁରା ଗ୍ରାମରେ ମଙ୍ଗଳବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରକୋଟ ବ୍ଲକ ଭାଜପା କୃଷକ ମୋର୍ଚ୍ଚା ସଭାପତି ନିରଞ୍ଜନ ବେହେରା ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଥିଲେ। ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ରାଜ୍ୟ ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ, ପର୍ଯ୍ୟବେକ୍ଷକ ଅଶ୍ୱିନୀ ତ୍ରିପାଠୀ,



ମନ୍ତ୍ରୀ ସୁଶାନ୍ତ ସିଂ କର୍ମୀମାନଙ୍କୁ ସ୍ୱାଗତ କରୁଛନ୍ତି।

ଜିଲା ପରିଷଦ ପ୍ରାର୍ଥୀ ସମରେନ୍ଦ୍ର କୁମାର ଜିତ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସତ୍ୟ ନାରାୟଣ ପାଣି, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ସିକୁନ ପ୍ରଧାନ, ଛାତ୍ର ବିଜେଡି ସଭାପତି ଝାଡେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତାହକ ପରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ପ୍ରଚାର ଜୋର୍‌ଦାର

କୁଆଁରମୁଣ୍ଡା,୮।୨(ଡି.ଏନ.ଏ.)

**ରାଜନୈତିକ ହିଂସା ମୁଣ୍ଡ ଟେକୁଛି**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବାକୁ ଆଉ ଏକ ସପ୍ତାହ ବାକି ରହିଲା । ଏବେ ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାରି ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି । ପ୍ରାର୍ଥୀମାନେ ଗାଁ ଗାଁ ଓ ଘରକୁ ଘର ବୁଲି ପ୍ରଚାର ଚାଲୁ ରଖିଛନ୍ତି। ଲୋକଙ୍କୁ ଭୋଜିଭାତ ଦେଇ ମଧ୍ୟ ଆପାୟିତ କରିବା ଆରମ୍ଭ କରିଛନ୍ତି। ପ୍ରଚାର କଟକଣା କୋହଳ ହେବାରୁ ପ୍ରାର୍ଥୀମାନେ ନିଜ ସହିତ ୨୦ ଜଣଙ୍କୁ ନେଇ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିବା ଦେଖିବାକୁ ମିଳୁଛି । ଏହାସହ ୩ ଶହ ଲୋକଙ୍କୁ ନେଇ କର୍ମୀ ସମ୍ମିଳନୀ କରିବା ଆରମ୍ଭ କରିଛନ୍ତି। କୁଆଁରମୁଣ୍ଡା ବ୍ଲକର ୨ ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୨୦ଟି ପଞ୍ଚାୟତରେ ଏଭଳି ନିର୍ବାଚନୀ ଉଷ୍ମତା ଦେଖାଦେଲାଣି। ଏପରିକି 'କ' ଜୋନ ଠାରୁ 'ଖ' ଜୋନ୍‌ରେ ନିର୍ବାଚନୀ ପ୍ରଚାର ଅଧିକ ପରିଲକ୍ଷିତ ହୋଇଛି । ଏହି ଜୋନ୍‌ରେ ବିଜେଡ଼ି ଜିଲା ପରିଷଦ ପ୍ରାର୍ଥୀ ରାଜେନ୍ଦ୍ର କୁଜୁର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି । ଏଥିସହ ସାଧାରଣ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ନିଜର ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତିକୁ ନେଇ ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ସେହିଭଳି ଭାଜପା,କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ନିଜ ନିଜ ଦଳୀୟ ଆଦର୍ଶକୁ ନେଇ ଭୋଟରଙ୍କୁ ନିଜ ଆଡକୁ ଟାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସେହିପରି ବିଭିନ୍ନ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଏବେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି । କୁଆଁରମୁଣ୍ଡା, ପଦମପୁର, ଡୁମେରଯୋର ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଅପେକ୍ଷା ଏବେ ରାଜନୈତିକ ହିଂସା ଆରମ୍ଭ ହେବାକୁ ଲାଗିଲାଣି । ବ୍ଲକର ଉପାନ୍ତ ଡୁମେରଯୋର ପଞ୍ଚାୟତରେ ପ୍ରାର୍ଥୀମାନଙ୍କ ମଧ୍ୟରେ ରାଜନୈତିକ ଆରୋପ,ପ୍ରତ୍ୟାରୋପ ସୃଷ୍ଟି ହୋଇଥିବା ସୂଚନା ମିଳିଛି । ବୀରମିତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ ପଞ୍ଚାୟତରେ ବୁଲି ପ୍ରାର୍ଥୀମାନଙ୍କ ମଧ୍ୟରେ ଦେଖା ଦେଇଥିବା ରାଜନୈତିକ ହିଂସା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କ୍ରୀଡ଼ା ସଙ୍ଗଠକ ସୁମନ୍ତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ରୁଗୁଡିପଡ଼ା ଦୁର୍ଗାପୂଜା ମଣ୍ଡପଠାରେ କ୍ରୀଡା ସଙ୍ଗଠକ ସ୍ୱର୍ଗତ ସୁମନ୍ତ ଭୋଇଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଟ୍ରଷ୍ଟ ସଭାପତି ଚେତନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ଉପଦେଷ୍ଟା ସୁଭାବ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଟ୍ରଷ୍ଟ, କ୍ଲବ ଏବଂ ସହରର ବହୁ ବୁଦ୍ଧିଜୀବୀ, ସଙ୍ଗଠକ ଓ କ୍ରୀଡାବିତ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ରମାକାନ୍ତ ସେଟ୍, ବିଶ୍ୱଜିତ ନାଏକ, ଉଦିତ ପଣ୍ଡା, ଜୟପ୍ରକାଶ ପଣ୍ଡା, ଜୟନ୍ତ ମହାନ୍ତି, ପ୍ରଭାଶ ପାଣିଗ୍ରାହୀ, ହିମାଂଶୁ ଶେଖର ପାଢ଼ୀ, ସତ୍ତ୍ୱବ୍ରତ ପଣ୍ଡା, ତେଜରାଜ ସିଂ, ପ୍ରେମାନନ୍ଦ ନନ୍ଦ, ଶଶୀଶେଖର ପଣ୍ଡା ସ୍ୱର୍ଗତ ଭୋଇଙ୍କ ଜୀବନାଦର୍ଶ, କ୍ରୀଡା ସଙ୍ଗଠନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସଭ୍ୟ ସ୍ୱର୍ଗତ ପିଣ୍ଟୁ ଭାଟିଙ୍କର ମଧ୍ୟ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟିର ଶିବାନନ୍ଦ ବାଗ, ମନୋଜ ଚିନ୍ଦା, ପୃଥ୍ୱୀରାଜ ମିଶ୍ର, ବିଷ୍ଣୁଦତ୍ତ ହୋତା, ନୟନ ମହାନ୍ତି, ଦେବାଶିଷ ମହାକୁର, ଅରୁଣ କୁମାର ନାଏକ, ସରୋଜ ନନ୍ଦ, ଅଭି ବଗର୍ତ୍ତୀ ଏବଂ ନବକିଶୋର ଦଳର ସମସ୍ତ ଖେଳାଳୀ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ରୁଗୁଡିପଡା ଦୁର୍ଗାପୂଜା ମଣ୍ଡପରେ ସୁମନ୍ତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ରୂପାନ୍ତରଣ କାମ ବନ୍ଦ କଲେ ଗ୍ରାମବାସୀ

ଲୋଇସିଂହା, ୮।୨(ଡି.ଏନ.ଏ.)

**■ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ ଆଣିଲେ**

**■କାମ ଆରମ୍ଭ ନହେଉଣୁ କେମିତି ଦୁର୍ନୀତି ହେଲା: ବିଡିଓ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଲାଲ ବାହାଦୁର ନୋଡାଲ ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୫ଟି ଯୋଜନାରେ ସାମିଲ ହୋଇ ରୂପାନ୍ତରଣ କାମ ଚାଲିଛି। କାମରେ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗ୍ରାମବାସୀ ସ୍କୁଲ ପରିସରରେ ପ୍ରତିବାଦ କରିବା ସହ କାମ ବନ୍ଦ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ଆଗକୁ କାମ ସୂଚାରୁ ରୂପେ କରିବା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସ୍କୁଲର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଅତ୍ୟାଧୁନିକ ଶ୍ରେଣୀ କୋଠରି, କମ୍ପ୍ୟୁଟର ଓ ବିଜ୍ଞାନଗାର କାମ କରାଯାଉଛି। ହେଲେ କାମରେ ନିମ୍ନମାନର ସିମେଣ୍ଟ,



ବିରୋଧ କରୁଥିବା ଗ୍ରାମବାସୀ।

ଟାଇଲ ବ୍ୟବହାର କରାଯାଉଛି। ଏହାର ସ୍ଥାୟିତ୍ୱକୁ ନେଇ ଗ୍ରାମାବସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଛାତ୍ର ତଥା ୫ଟି କମିଟି ସଦସ୍ୟ ରିତ ନନ୍ଦ କହିଛନ୍ତି କାମ କରିବା ପୂର୍ବରୁ ବିଭିନ୍ନ କମିଟିର ବୈଠକ ବସିଥିଲା । ଏଠାରେ ପ୍ରଥମରୁ କୁହାଯାଇଥିଲା ଯେ ଉନ୍ନତମାନର ସାମଗ୍ରୀ ବ୍ୟବହାର କରାଯିବ। ହେଲେ ନିମ୍ନମାନର ସାମଗ୍ରୀରେ କାମ କରାଯାଉଛି। ଏଥିସହିତ କମ୍ କାମ କରି ଜାଲ କାଗଜପତ୍ରରେ ୧୮ଲକ୍ଷ ୫୦ହଜାର ବିଲ ପାଇଁ କମିଟି ସଦସ୍ୟଙ୍କଠାରୁ ଦସ୍ତଖତ ନିଆଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ପଟେଲ କାମକୁ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ନିମ୍ନମାନର କାମ ହେଉଥିବାରୁ ଟାଇଲ ଉଠି ଯାଉଥିବା ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଏ ଦିଗରେ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ । ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାର୍ଡିଆ କହିଛନ୍ତି ମାତ୍ର ୨୦ ପ୍ରତିଶତ କାମ ହୋଇଛି । କାମ ଆରମ୍ଭ ନହେଉଣୁ କେମିତି ଦୁର୍ନୀତି ହେଲା। ଅଭିଯୋଗର କୌଣସି ଭିନ୍ନ ଉଦ୍ଦେଶ୍ୟ ଥାଇ ପାରେ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଚାଷ ଜମିରୁ ମୃତଦେହ ଜବତ

ରାଜଗାଙ୍ଗପୁର,୮।୨(ଡି.ଏନ.ଏ.)- ରାଜଗାଙ୍ଗପୁର ଥାନା ତଥା କାଂସବାହାଲ ଫାଣ୍ଡି ଅଧୀନ ଷ୍ଟେସନପଡା ଓ ବଗିଚାପଡା ପଡା ରାସ୍ତା ପାର୍ଶ୍ୱରେ ଥିବା ଏକ ଚାଷ ଜମିରୁ ପୋଲିସ ମଙ୍ଗଳବାର ଏକ ମୃତଦେହ ଜବତ କରିଛି। ମୃତକ ହେଲେ ମେଘୁ ଟିଗ୍ଗା (୫୩) । ସୂଚନା ମୁତାବକ, କାଂସବାହାଲ ଷ୍ଟେସନପଡା ନିବାସୀ ମେଘୁ ରାଜଗାଙ୍ଗପୁର ପୌର କାର୍ଯ୍ୟାଳୟରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସୋମବାର ସନ୍ଧ୍ୟା ୭ଟା ସମୟରେ ସେ କୌଣସି କାମରେ ଷ୍ଟେସନପଡାରୁ ୨ କି ମି ଦୂରରେ ଥିବା ବଗିଚାପଡା ପଡାକୁ ଯାଉଥିବା ଘର ଲୋକଙ୍କୁ କହି ବାହାରିଥିଲେ । କିନ୍ତୁ ରାତିରେ ଘରକୁ ଫେରି ନ ଥିଲେ । ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଚାଷ ଜମିରେ ପଡିଥିବାର କାଂସବାହାଲ ପୋଲିସ ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ଜବରଦଖଲ ଅଭିଯୋଗ

ସୁନ୍ଦରଗଡ,୮।୨(ଡି.ଏନ୍.ଏ.)- ସଦର ବ୍ଲକ ଅନ୍ତର୍ଗତ କିରେଇ ଗ୍ରାମ ପଞ୍ଚାୟତର ଯୋଗାଣ ସହାୟକ ଥିବା ଅମିତ ପଟେଲଙ୍କ ନାମରେ ସୋମବାର ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଥିବା ନେଇ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ମଙ୍ଗଳବାର କିରେଇ ଗ୍ରାମବାସୀ ସଂପୃକ୍ତ ଯୋଗାଣ ସହାୟକଙ୍କ ବିରୋଧରେ ସରକାରୀ ଜମି ଜବରଦଖଲ କରିଥିବା ନେଇ ସୁନ୍ଦରଗଡ ସଦର ତହସିଲଦାର ପୁଷ୍ପକ ପ୍ରଧାନଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ଯଥାଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରଧାନ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ରାଉରକେଲା ଅଫିସ,୮।୨
ରାଉରକେଲା ନଗର ରାଜଭାଷା କମିଟି ଅର୍ଦ୍ଧବାର୍ଷିକ ବୈଠକ ମଙ୍ଗଳବାର ଅନ୍‌ଲାଇନରେ ଅନୁଷ୍ଠିତ ହୋଇଛି। ଏଥିରେ ଆରଏସ୍‌ପିର କାର୍ମିକ ଓ ପ୍ରଶାସନିକ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଭାଜଭାଷା ସହ ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ଓ ଆରଏସ୍‌ପି ଲୋକ ସମ୍ପର୍କ ବିଭାର ଡିଜିଏମ ଅର୍ଚ୍ଚନା ଶତପଥୀ ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା, ବ୍ୟାଙ୍କ, ବିମା କମ୍ପାନୀ ଓ ରାଷ୍ଟ୍ରାୟତ ଉଦ୍ୟୋଗର ପ୍ରତିନିଧିମାନେ ଯୋଗ ଦେଇଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

**ସମ୍ବଲପୁର,୮।୨(ବ୍ୟୁରୋ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମକର୍ତ୍ତାଙ୍କ ଅଭିଯୋଗ କ୍ରମେ ଧନକଉଡା ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ପୂରଣ କରାଯାଉ ନାହିଁ। ବର୍ତ୍ତମାନ ଜଣେ ଶିକ୍ଷୟିତ୍ରୀଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲେ ମଧ ସେ ଦାୟିତ୍ୱ ଗ୍ରହଣ କରିନାହାନ୍ତି। ଏ ଦିଗରେ ପଦକ୍ଷେପ ନେଇ ବ୍ଲକର ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି।

### ସାଲେପାଲିରେ ଜମୁଛି ନିର୍ବାଚନୀ ପ୍ରଚାର

**ଦେଓଗାଁ, ୮।୨ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଚଳିତ ପଞ୍ଚାୟତ ନିର୍ବାଚନ ବେଶ ଚର୍ଚ୍ଚାରେ ରହିଛି। ଏଠାରେ ସମିତି ସଭ୍ୟ ପାଇଁ ଲଢୁଛନ୍ତି ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମଣ କୁମାର ମେହେର। ଏଥର ଅଧକ୍ଷ ପଦ ପାଇଁ ସେ ଲଢୁଥିବାରୁ ବିରୋଧୀମାନେ ତାଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତି ପୂର୍ବକ ପ୍ରଚାର ଅଭିଯାନକୁ ଜୋରଦାର କରୁଛନ୍ତି। ମଙ୍ଗଳବାର ଯୁବ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ସାଲେପାଲି ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥୀନୀ ମୁକ୍ତାଦେଇ ତାଣ୍ଡି ଓ ସମିତି ସଭ୍ୟ ପ୍ରାର୍ଥୀ ଶମ୍ଭୁ ପଧାନଙ୍କ ପାଇଁ ଘରଘର ବୁଲି ଭୋଟଭିକ୍ଷା କରିଥିଲେ।

# ବିଶ୍ୱ ବଜାର ସହ ଯୋଡ଼ିହେବେ ବୁଣାକାର

ସମ୍ବଲପୁର,୮।୨ (ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍ ଓ ଫ୍ଲିପକାର୍ଟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହା ଦ୍ୱାରା ସ୍ଥାନୀୟ କାରିଗର, ବୁଣାକାର ବିଶ୍ୱ ବଜାର ସହ ଯୋଡି ହୋଇପାରିବେ। ବୁଣାକାରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ତାଲିମ ପ୍ରଦାନ ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଓ ଫ୍ଲିପକାର୍ଟ ଗ୍ରୁପର ମୁଖ୍ୟ କର୍ପୋରେଟ ବ୍ୟାପାର ଅଧିକାରୀ ରଜନୀଶ କୁମାରଙ୍କ ସହିତ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଭର୍ଚୁଆଲରେ ଯୋଡି ହୋଇଥିଲେ।



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀମାନେ ।

ଭାରତୀୟ ହସ୍ତଶିଳ୍ପ ହେଉଛି ବୃହତ୍ତମ ନିଯୁକ୍ତି ଜେନେରେଟର ଓ ଦେଶର ରପ୍ତାନୀରେ ଏକ ପ୍ରମୁଖ ଅଂଶ। ତଥାପି ଶିଳ୍ପାୟନ ଓ ବୁଣାକାରମାନେ ବିଭିନ୍ନ ସମସ୍ୟାରେ ରହିଛନ୍ତି। ଏଭଳି ଶିଳ୍ପ-ଏକାଡ଼େମୀ ସହଯୋଗ ଏବଂ

**ସମ୍ବଲପୁର ଆଇଆଇଏମ୍-ଫ୍ଲିପକାର୍ଟ ଚୁକ୍ତିନାମା**

ବୁଣାକାରମାନେ ଭାରତରେ ଏହା ପ୍ରଥମ ବୋଲି ଆଇଆଇଏମ୍ ନିର୍ଦ୍ଦେଶକ ଜୟସ୍ୱାଲ କହିଥିଲେ। ଫ୍ଲିପକାର୍ଟର ମୁଖ୍ୟ କର୍ପୋରେଟ ଅଧିକାରୀ ରଜନୀଶ କୁମାର ଏକ ହୋମଗାର୍ଡ଼ କମ୍ପାନୀ ଭାବରେ ଆମେ ଟେକ୍ନୋଲୋଜି ମାଧ୍ୟମରେ ଇକୋସିଷ୍ଟମ ସହଭାଗୀଙ୍କ ସହଯୋଗରେ କାରିଗର ଓ ବୁଣାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ। ସଚିବ ଉଷା ପାଢ଼ୀ ଆଇଆଇଏମ୍‌ର ବିଚାରଧାରାକୁ ପ୍ରଶଂସା କରିଥିଲେ।

# ଗୋ ଆଶ୍ରୟକେନ୍ଦ୍ର ଲାଗି ଏସ୍‌ଏମ୍‌ସିର ଏମ୍‌ଓୟୁ

ସମ୍ବଲପୁର,୮।୨(ବ୍ୟୁରେ)

ସମ୍ବଲପୁର ମହନଗର ନିଗମର ବିଭିନ୍ନ ଅଞ୍ଚଳରେ ବୁଲା ଗୋରୁମାନେ ବିଚରଣ କରୁଛନ୍ତି। ଏପରି କି ଦୁର୍ଘଟଣା ଘଟି ମୃତ୍ୟୁବରଣ କରିବା ସହ ଗୁରୁତର ଆହତ ହେଉଛନ୍ତି। ଏଭଳିସ୍ଥଳେ ଗୋରୁମାନଙ୍କୁ ଆଶ୍ରୟ ଦେବା ପାଇଁ ଏସ୍‌ଏମ୍‌ସି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ ଗୋସେବା କରୁଥିବା ୩ ଅନୁଷ୍ଠାନ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏହି ୩ କେନ୍ଦ୍ରରେ ରାସ୍ତା କଡରେ ବୁଲୁଥିବା, ଦୁର୍ଘଟଣାରେ ଆହତ ହେଉଥିବା ଗୋରୁମାନଙ୍କୁ ଆଶ୍ରୟ ଦିଆଯିବ। କେନ୍ଦ୍ର କର୍ମଚାରୀ ସେମାନଙ୍କ ଖାଇବା, ଚିକିତ୍ସା ବ୍ୟବସ୍ଥା କରିବେ। ରାଜ୍ୟ ପ୍ରାଣୀଧନ

**ପ୍ରଥମ ପର୍ଯ୍ୟାୟରେ ୩ ଅନୁଷ୍ଠାନ ସହ ଚୁକ୍ତିନାମା**

ବିଭାଗ ଓ ଏସ୍‌ଏମ୍‌ସି ପକ୍ଷରୁ ମଧ୍ୟ ଉକ୍ତ ଅନୁଷ୍ଠାନଗୁଡିକୁ ସହଯୋଗ କରାଯିବ ବୋଲି କମିଶନର ସାହୁ କହିଥିଲେ। ସୂଚନାଯୋଗ୍ୟ ୨୦୧୩-୧୪ରେ ସାମାଜିକ ଅନୁଷ୍ଠାନ ଓ ମ୍ୟୁନିସିପାଲିଟି ପକ୍ଷରୁ ଚିପିଲମାଠାରେ ଗୋଶାଳା କରାଯାଇ ବୁଲା ଗୋରୁଙ୍କୁ ରଖାଯାଉଥିଲା। ମାସିକ ୧ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିଲା। ତେଣୁ ଗୋଶାଳା ବନ୍ଦ କରିଦିଆଯାଇଥିଲା। ଏବେ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଥିବାରୁ ଏହି ଆଶ୍ରୟକେନ୍ଦ୍ର ପରିଚାଳନ ସୁଚାରୁରୂପେ ହୋଇପାରିବ ବୋଲି ଆଲୋଚନା ହେଉଛି।

# ସ୍ଥିତି ଅନୁଧ୍ୟାନ କଲା ମିଳିତ ଟିମ୍

ନାକଟିଦେଉଳ,୮।୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମରେ ଗତ ୪ତାରିଖ ଅପରାହ୍ନରେ ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା। ଏଥିରେ ପନିପରିବା ସମେତ ଅନ୍ୟାନ୍ୟ ଫସଲ କ୍ଷତି ହେବା ସହ ଲୋକଙ୍କ ଘର ଛାତର ଟାଇଲ ଓ ଆଜବେଷ୍ଟସ୍ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଲୋକେ ନାକଟିଦେଉଳ ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରି କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ବ୍ଲକର କିସିଣ୍ଡା, ବଳମ, ସରାପାଲି, ନାକଟିଦେଉଳ ପଞ୍ଚାୟତରେ

**କୁଆପଥର ମାଡ଼ରେ ଫସଲ କ୍ଷତି**

କୁଆପଥର ମାଡ଼ରେ ବିଶେଷ କ୍ଷତି ଘଟିଛି। ଅଭିଯୋଗ ପାଇବା ପରେ ନାକଟିଦେଉଳ ତହସିଲ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ମଙ୍ଗଳବାର କ୍ଷୟକ୍ଷତିର ଅନୁଧ୍ୟାନ କରାଯାଇଥିଲା। ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ବ୍ଲକ କୃଷି ଅଧିକାରୀ ପ୍ରହ୍ଲାଦ ସେନାପତି, ସହକାରୀ କୃଷି ଅଧିକାରୀ ମଧୁମତି ମୁର୍ମୁ, ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ପଦ୍ମାବତୀ ହାଂସଦା, କୃଷି ଓଭରସିଅର ବୈକୁଣ୍ଠ ରାଉଳ ଓ ରାଜସ୍ୱ ନିରୀକ୍ଷକ ଦିନେଶ ମିଶ୍ର ପ୍ରମୁଖ ସରାପାଲି ପଞ୍ଚାୟତର ଜୁରାପାଲି, ପୋଡ଼ାଖୋଲ, ଚନ୍ଦ୍ରପୁର ଗ୍ରାମକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ତହସିଲଦାର ନାଏକ କହିଛନ୍ତି, ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରପୋର୍ଟ ଦେବାକୁ ସମ୍ପୃକ୍ତ ସର୍କଲର ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲାପରେ ଜିଲା ମନିଟରିଂ କମିଟି ପାଖକୁ ପଠାଯିବ ଏବଂ ସେଠାରୁ ଅନୁମୋଦନ ହେବାପରେ କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ।



ଫସଲ କ୍ଷତି ଅନୁଧ୍ୟାନ କରୁଛନ୍ତି ମିଳିତ ଟିମ୍ ସଦସ୍ୟ।

# ଝାରସୁଗୁଡ଼ା ଜିଲା ହେବ ଫାଇଲେରିଆ ମୁକ୍ତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟବିଭାଗ ଅଧିକାରୀମାନେ ।

ଝାରସୁଗୁଡ଼ା ଅଫିସ,୮।୨

ଝାରସୁଗୁଡ଼ା ଜିଲାରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥିବା ସର୍ଭେରୁ ଜଣାପଡିଛି। ଏହାର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ ଆସନ୍ତା ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ଜିଲାରେ ୧୮୯୪ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏହାକୁ ତଦାରଖ ପାଇଁ ୧୮୯ଜଣ ନିରୀକ୍ଷକ ରହିବେ। ଏହାବ୍ୟତିତ ଶିକ୍ଷା, ନଗର ଉନ୍ନୟନ, ସମାଜ ମଙ୍ଗଳ ଓ ପଞ୍ଚାୟତିରାଜ ବିଭାଗ ସମେତ ବହୁ ବେସରକାରୀ

**୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ**

ସଙ୍ଗଠନ ସହଯୋଗ କରିବେ। ଗର୍ଭବତୀ ମହିଳା ଓ ୨ବର୍ଷରୁ କମ୍ ଶିଶୁଙ୍କୁ ଏହି ଔଷଧ ସେବନ ପାଇଁ ନିଷେଧ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଲାମଣି ପଟେଲ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁଲିତା ସାହୁ ଓ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀବାଦ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ସଭାକକ୍ଷଠାରେ ନୃସିଂହ ଗୁରୁ ସ୍ମୃତି ସମିତ ପକ୍ଷରୁ ଗାନ୍ଧୀବାଦ ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡ. ଶ୍ୟାମ ଭୋଇ ପୌରୋହିତ୍ୟ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇ କହିଥିଲେ, ଜାତିର ପିତା ମହାତ୍ମା ଗାନ୍ଧୀ ସତ୍ୟର ପୂଜାରୀ ଥିଲେ। ତାଙ୍କର ଉଚ୍ଚାରଣ ଓ ଆଚରଣରେ କୌଣସି ପାର୍ଥକ୍ୟ ନ ଥିଲା। ଗାନ୍ଧିଜୀଙ୍କ ପଞ୍ଚଶିଷ୍ୟ ଭାବେ ନୃସିଂହ ଗୁରୁ ମଧ ଏହି ଆଦର୍ଶରୁ ବିଚ୍ୟୁତ ହୋଇ ନ ଥିଲେ। ବର୍ତ୍ତମାନ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ବାଣୀ ଓ ବିଚାରକୁ ଅନୁକରଣ କରି ରାଷ୍ଟ୍ର ସେବାରେ ଆତ୍ମ ନିୟୋଗ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମଧ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତି ସମିତି ସମ୍ପାଦକ ହେମନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମହାବିଦ୍ୟାଳୟର ପ୍ରଫେସର ଦୁର୍ଲଭ କୁମାର ସା ଓ ଡ. ରଘୁମଣୀ ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ବିଶ୍ୱ ମୋହନ ଜେନା ଛାତ୍ରୀଛାତ୍ରଙ୍କୁ ଜାତୀୟ ସଂହତିର ଶପଥ ପାଠ କରାଇଥିଲେ। ଶେଷରେ ଡ. ହରିହର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ନାକଟିଦେଉଳ ଜୋନ୍-୨: କଂଗ୍ରେସର ମାରାଥନ ପ୍ରଚାର

ନାକଟିଦେଉଳ,୮।୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକର ୨ନଂ. ଜିଲା ପରିଷଦ ଜୋନରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। କଂଗ୍ରେସ ପକ୍ଷରୁ ମଧ ମାରାଥନ ପ୍ରଚାର କରାଯାଉଛି। ଅନୁପମା ମାଝି ଏହି ଜୋନରେ ଦଳର ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପାଇଁ ଜିଲା ସ୍ତରର ନେତୃବୃନ୍ଦ ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରୁଛନ୍ତି। ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ଆସଫ ଅଲ୍ଲି ଖାଁ, ପିସିସି ସଭ୍ୟ ପଦ୍ମଲୋଚନ ବିଶି, ଜିଲା କଂଗ୍ରେସ କମିଟି ସଦସ୍ୟ ସୁମନ୍ତ ଧଳ, ରେଢାଖୋଲ ବ୍ଲକର କଂଗ୍ରେସର ବରିଷ୍ଠ ନେତା ଗୌରୀ ଶଙ୍କର ପାତ୍ର, ମାନେଶ୍ୱର ବ୍ଲକ କଂଗ୍ରେସ କମିଟି ସଭାପତି ଧରଣୀଧର ସାହୁ ପ୍ରମୁଖ ଘର ଘର ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।



କଂଗ୍ରେସ ପକ୍ଷରୁ ପ୍ରଚାର କରାଯାଉଛି।

# ରାସ୍ତା ଅବରୋଧ ପାଇଁ ୧୫ ହଜାର ଜରିମାନା

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ସହର ଶାନ୍ତିପଡା ମୁଖ୍ୟରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରିଥିବା ଯୋଗୁଁ ମ୍ୟୁନିସିପାଲିଟି ପକ୍ଷରୁ ୧୫ ହଜାର ଟଙ୍କାର ଫାଇନ ଆଦାୟ କରାଯାଇଛି। ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଟିମ୍ ସମ୍ପୃକ୍ତ ଘରକୁ ଯାଇ ଚଢ଼ାଉ କରିବା ସହ ଘର ନିର୍ମାଣ କରୁଥିବା ବିଜେନ୍ଦ୍ର ଗୁପ୍ତାଙ୍କ ଉପରେ ୧୫ ହଜାର ଟଙ୍କାର ଫାଇନ କାଟିଥିଲେ। ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖିଥିବାରୁ ସେଠାରେ ଯାତାୟାତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ଥାନାରେ ଅଭିଯୋଗ, ପୃଥକ୍ ମାମଲା

ଝାରସୁଗୁଡ଼ା ଅଫିସ,୮।୨

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ୧ନଂ ଜିଲା ପରିଷଦ ଜୋନ୍‌ରେ ସୋମବାର ନିର୍ବାଚନ ପ୍ରଚାରବେଳେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏ ନେଇ ଉଭୟ ଦଳ ମଧ୍ୟରୁ ଲଇକେରା ଥାନାରେ ଅଭିଯୋଗ ପରେ ପୋଲିସ ୨ ଏସ୍‌ଟିଏସ୍‌ସି ମାମଲା ରୁଜୁ କରିଛି । ଏ ସମ୍ପର୍କରେ ଖବରପାଇ ମଙ୍ଗଳବାର ଏସ୍‌ପି ବିକାଶ ଚନ୍ଦ୍ର ଦାସ ଥାନାରେ ପହଞ୍ଚି ତଦନ୍ତକରି ଫେରିଛନ୍ତି। ଭାଜପା ଜିଲା ପରିଷଦ ପ୍ରାର୍ଥିନୀ ଶବ୍ୟାସିନୀ ପ୍ରଧାନ ଥାନାରେ ବିଜେଡିର ଅଜୟ ପଟେଲ, ଜଗମୋହନ ବୁଦୁଲା, ଜୟ

**ନିର୍ବାଚନ ପ୍ରଚାରବେଳେ ବିଜେଡି-ଭାଜପା ମୁହାଁମୁହିଁ ପ୍ରସଙ୍ଗ**

ନାରାୟଣ ଗନ୍ଧା ଓ ବନମାଳୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ କେସ୍ ନଂ.୩୬/୨୨ରେ ମାମଲା ରୁଜୁ କରିଛି । ସେ ତାଙ୍କ ଏତଲାରେ ବାରଗାଡ ଗ୍ରାମରେ ପ୍ରଚାର କରୁଥିବାବେଳେ ବିଜେଡି କର୍ମୀମାନେ ତାଙ୍କ ଗାଡିକୁ ଅଟକାଇ ଗାଳିଗୁଲଜ ସହ ଧମକଚମକ ଦେଇଥିବା ଦର୍ଶାଇଛନ୍ତି। ସେହିପରି ବିଜେଡି କର୍ମୀ ଜୟ ନାରାୟଣ ଗନ୍ଧା ଭାଜପାର ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପ୍ରେମସେନ୍ ରାୟ, ପ୍ରାର୍ଥିନୀ ଶବ୍ୟାସିନୀ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଭଗବାନ ନାୟକ ଓ ପ୍ରଦୀପ ପ୍ରଧାନଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୩୭/୨୨ରେ ମାମଲା ରୁଜୁ କରିଛି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, କେନ୍ଦ୍ର ସରକାରଙ୍କ କୃଷିମାରଣ ନୀତିକୁ ନେଇ ବାରଗାଡ ଗ୍ରାମର କେତେଜଣ ଚାଷୀ ପ୍ରଚାରବେଳେ ଭାଜପା ନେତାଙ୍କୁ ଅଟକାଇ ପ୍ରଶ୍ନ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ନିକଟରେ ଉପସ୍ଥିତ ଥିବା ବିଜେଡି କର୍ମୀଙ୍କୁ ଭାଜପା କର୍ମୀମାନେ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିଲେ।

# ଭାଜପା ରାଜ୍ୟ ସଭାପତିଙ୍କ ନିର୍ବାଚନୀ ପ୍ରଚାର

ସମ୍ବଲପୁର,୮।୨(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କେନ୍ଦ୍ର ଯୋଜନା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ରାଜ୍ୟର ଅବହେଳା ଯୋଗୁ ରାଜ୍ୟବାସୀ ଅବହେଳିତ ହେଉଛନ୍ତି ବୋଲି ମଙ୍ଗଳବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ସେ ଆହୁରୀ କହିଥିଲେ, ଚଳିତ ପଞ୍ଚାୟତ ନିର୍ବାଚନରେ ସମ୍ବଲପୁର ଜିଲାରେ ଭାଜପା ଭଲ ପ୍ରଦର୍ଶନ କରିବ। ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଭାଜପା ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବା ପରେ ସେ ପ୍ରଚାର ଆରମ୍ଭ କରିଦେଇଛନ୍ତି। କେନ୍ଦ୍ର



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ଓ ଅନ୍ୟ ନେତୃବୃନ୍ଦ।

ସରକାରଙ୍କ ଲୋକଭିମୁଖୀ ଯୋଜନା ଓ ରାଜ୍ୟର ଅବହେଳାକୁ ନେଇ ଭାଜପା ଭୋଟରଙ୍କ ପାଖରେ ପହଞ୍ଚିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗିରିଶ ପଟେଲ, ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ, ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଓ ଗଣମାଧ୍ୟମ ପ୍ରଭାରୀ ମାନସ ରଞ୍ଜନ ବକ୍ସି, ସଞ୍ଜୟ ସତଙ୍ଗୀ ଉପସ୍ଥିତ ଥିଲେ। ପରେ ରାଜ୍ୟ ସଭାପତି ମହାନ୍ତି କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଯାଇ ଭୋଟ ପ୍ରଚାର କରିଥିଲେ। କୁଚିଣ୍ଡା, ବାମରା, କେଶଇବାହାଲ, ସୋଲବଗା, ପ୍ରଭୃତି ସ୍ଥାନରେ ପ୍ରାର୍ଥୀ ଓ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଜିଲା ସଭାପତି ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ଦିବ୍ୟରାଜ କିଶାନ ପ୍ରମୁଖ ସାମିଲ ଥିଲେ।

# ବିଜେଡି ପ୍ରଚାରରେ ଜିଲା ପର୍ଯ୍ୟବେକ୍ଷକ ସାମିଲ

ଝାରସୁଗୁଡ଼ା ଅଫିସ,୮।୨

ଝାରସୁଗୁଡ଼ା ଜିଲାରେ ନିର୍ବାଚନ ପ୍ରଚାର ଜୋର୍ ଧରିଛି। କିର୍ମିରା ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ରୀତା ବାଗ୍‌ଙ୍କ ପାଇଁ ମଙ୍ଗଳବାର ବିଜେଡି ଏମ୍‌ପି ତଥା ଜିଲା ପର୍ଯ୍ୟବେକ୍ଷକ ସୁବାସ ସିଂହ ଓ ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ନେତୃବୃନ୍ଦ ଅର୍ଡା, ଗଉଡ ପାନପାଲି, ବନ୍ଧପାଲି, କିର୍ମିରା, ଝାରମୁଣ୍ଡା, ନକ୍ସାପାଲି, ଭୀମଯୋର ଓ ସୁଲେହି ଆଦି ଗ୍ରାମରେ ପ୍ରଚାର କରିଥିଲେ। ଭୋଟରଙ୍କୁ ନବୀନ ସରକାର ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଜନହିତକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂହ, ମନୋରଞ୍ଜନ ମହାପାତ୍ର, ପିଣ୍ଟୁ ପାଢୀ, ନକୁଳ ସାହୁ, ଗୋପାଳ ସାଗର, ତପନ ପାଣ୍ଡେ, ତେଜରାଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।



ବିଜେଡି ନେତୃବୃନ୍ଦ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି।

## ବୁଢାରଜା କ୍ରିକେଟ: ଖଲିଆପାଲି ଚାମ୍ପିୟନ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତ ଅଧୀନ ବୁଢ଼ୁଡା ଗ୍ରାମରେ ଚାଲିଥିବା ୧୨ତମ ବୁଢାରଜା କ୍ରିକେଟ କପ୍ ମଙ୍ଗଳବାର ଶେଷ ହୋଇଛି। ପୁଟୁଡେରା ଏବଂ ଖଲିଆପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇ ଖଲିଆପାଲି ବିଜୟୀ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଜ୍ୟୋତ୍ସ୍ନାମୟୀ ଦାଶ, ପ୍ରବୀଣ ଦାଶ, କୁମୁଦ ସାହୁ, ସରୋଜ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଦଳକୁ ଜ୍ୟୋତ୍ସ୍ନାମୟୀ ଦାଶ ପୁରସ୍କୃତ କରିଥିବା ବେଳେ ମଙ୍ଗଲୁ ଚୌହାନଙ୍କୁ ପ୍ରାତିଶ ଦାଶ ପୁରସ୍କୃତ କରିଥିଲେ। ଟିକେଶ୍ୱର ବରିହା, ଡାକ୍ତର ସାହୁ, କେତନ ବରିହା, ପ୍ରକାଶ ଦାଶ, ହେମନ୍ତ ବଡଗୁଛିଆ, ତରଣୀ ସାହୁ, କ୍ଷୀର ମେହେର, ଗଜାନନ ବୁଡେକ, ଭରତ ବୁଡେକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ତରଳ ମଳ ଉପଚାର ପ୍ଲାଣ୍ଟ ଲୋକାର୍ପିତ

ପଦ୍ମପୁର,୮।୨(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମେହେରପଡାରେ ୧୦ ହଜାର ଲିଟର ବିଶିଷ୍ଟ ତରଳ ମଳ ଉପଚାର ପ୍ଲାଣ୍ଟକୁ ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଡିଆରଡିଏ ପିଡି କୃତ୍ତିବାସ ରାଉତ, ଏନଏସି ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ରନସାଏ ସିଂହ, ସ୍ୱଚ୍ଛତା ବିଶେଷଜ୍ଞ ଦୁଷ୍ମନ୍ତ ବେହେରା, ଆକାଉଣ୍ଟାଣ୍ଟ ସୌମ୍ୟବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ଲାଣ୍ଟ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଛି। ତରଳ ମଳ ଉପଚାର ପରେ ଶୁଷ୍କ ଅବଶେଷକ ଜୈବିକ ଖତ ଭାବେ କୃଷି କାର୍ଯ୍ୟରେ ବ୍ୟବହାର ହୋଇପାରିବ ବୋଲି ଏନ୍ଏସି ଅଧିକାରୀ ସାହୁ କହିଛନ୍ତି।

## କଳାହାଣ୍ଡି ପୋଲିସ ପକ୍ଷରୁ ସଚେତନତା



କେସିଙ୍ଗା,୮।୨(ଡି.ଏନ.ଏ.): ତ୍ରିସ୍ତରୀୟ ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଳାହାଣ୍ଡି ପୋଲିସ ପକ୍ଷରୁ ଏକ ଅଭିନବ ଉପାୟରେ ପାଦରେ ଚାଲି ଲୋକଙ୍କୁ ସଚେତନତା କରୁଥିବା ଜଣାପଡିଛି। ଏହିକ୍ରମରେ ମଙ୍ଗଳବାର କେସିଙ୍ଗା ପୋଲିସ ଅନ୍ତର୍ଗତ ପଲମ ଫାଣ୍ଡି ଅଧୀନ ତୁଣ୍ଡଲା, ସିରଜାପାଲି, ବାଦୀପଡା, ନର୍ଲା ଥାନା ଅଧୀନରେ ଥିବା ଘଣ୍ଟାମାଲ, ବୁରାଟ ଅଞ୍ଚଳରେ ଲୋକଙ୍କୁ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଚେତନତା କରିଥିଲେ। ସେହିପରି ଲାଞ୍ଜିଗଡ ଥାନାର କଲୋନୀପଡା, ରାଜାପଡା, ଆଶ୍ରମପଡା, ବନ୍ଧପଡା, ମାର୍କେଟପଡା, ବିଶ୍ୱନାଥପୁର ଥାନାର ବିଭିନ୍ନ ଗ୍ରାମକୁ ପାଦରେ ଚାଲି ତ୍ରିସ୍ତରୀୟ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ କୌଣସି ଗ୍ରାମରେ ଅପ୍ରତିକର ଘଟଣା ନ ଘଟିବ ସେଥିପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେସିଙ୍ଗା ସର୍କଲର ଏସଡିପିଓ ଅଭିନାଭ ଶଙ୍କର, ଆଇଆଇସି ଏସ.କେ. ନନ୍ଦ, ପଲମ ଫାଣ୍ଡି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

## ବାହାରିଲା କରୋନା ସଚେତନତା ରଥ

ଅମରପାଲି,୮।୨(ଡି.ଏନ.ଏ.): କରୋନା ସଚେତନତା ଓ ଟୀକାକରଣ ସକାଶେ ବାହାରି ଥିବା ସଚେତନତା ରଥ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକ ପରିକ୍ରମା କରିଛି। ସୋନପୁରର ଏକସନ ଏଡ, ରେଆର ଓ ଗ୍ରାମଥାନ, ଖଣ୍ଡହତାର ସିୟା ପରିବାର, ଉଲୁଣ୍ଡାର ଯୁବ ମହାସଂଘ, ହେଲପ ଟୁ ଅଦର ଓ ମହାନଦୀ ଯୁବ ସଂଗଠନ ତରଫରୁ ବାହାରି ଥିବା ଏହି ରଥ ବ୍ଲକର ଉଫୁଲା, ଚମ୍ପାମାଳ, ବାଗବର, ଜଟେସିଂହା, ସୁବଳୟା, ପିତାମହୁଲ, କମିରା, ସଂଗ୍ରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଗ୍ରାମର ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ସୁଶାନ୍ତ ସା, ଆଶିଷ ନାୟକ, ଗୁଣାନିଧି ମାଝୀ ଓ ସୁଦାମ ଗାଇଗରିଆ ପରିଚାଳନା କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ରାସ୍ତାରୋକୋ

ବାଉଁଶୁଣୀ,୮।୨(ଡି.ଏନ.ଏ.)



ଚାଷୀମାନେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

ବୌଦ୍ଧ ବ୍ଲକର ମନୁପାଲି ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ମଙ୍ଗଳବାର ଚାଷୀଙ୍କ ପକ୍ଷରୁ ମନମୁଣ୍ଡା ଥାନା ଯମଟାଙ୍ଗି ଛକ ନିକଟରେ ୫୭ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଚାଷୀମାନେ ଧାନବସ୍ତା ରଖି ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ଗତ ଜାନୁୟାରୀ ମାସରୁ ଟୋକନ ପାଇ ୧୫ ତାରିଖରୁ ମନୁପାଲି ସେବା ସମବାୟ ସମିତିରେ ଚାଷୀମାନେ ଧାନ ରଖିଛନ୍ତି। ହେଲେ ଦୀର୍ଘ ୨୦ଦିନ ବିତିଯାଇଥିଲେ ମଧ ଏ ଯାବତ୍ ଚାଷୀଙ୍କ ଧାନ ଉଠି ନାହିଁ। ଫଳରେ ଶୀତ କାକରରେ ଖୋଲା ଆକାଶ ତଳେ ପଡି ରହି ଚାଷୀମାନେ ଧାନ ଜଗିଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ସାଙ୍ଗକୁ ମିଲରଙ୍କ ମାନମାନୀ ଯୋଗୁ ଗାଡି ଆସୁନାହିଁ । ଯାହା ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ମନମୁଣ୍ଡା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ । କିନ୍ତୁ ଜିଲା ଯୋଗାଣ ଅଧିକାରୀ ଆସିବା ପରେ ରାସ୍ତା ଅବରୋଧ ହଟିବ ବୋଲି ଆନ୍ଦୋଳନକାରୀ ଅଡି ବସିଥିଲେ । ପରେ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟର ସହକାରୀ ଉପ ନିବନ୍ଧକ ରବୀନ୍ଦ୍ର ମହାରଣା , ବୌଦ୍ଧ ବ୍ଲକ ଯୋଗାଣ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଧାନ ଉଠିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଚାଷୀନେତା ଲବ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିବା ବେଳେ ଏଥିରେ ଅନେକ ଚାଷୀ ସାମିଲ ହୋଇଥିଲେ। ଏହାଛଡା ୪ ନଂ ଜୋନର ଜିଲା ପରିଷଦର ଭାଜପା ପ୍ରାର୍ଥୀ ଯୁବନେତା ଇଂ ରାକେଶ ତ୍ରିପାଠୀ ଓ ସାମାଜିକ କର୍ମୀ ବାଳମୁକୁନ୍ଦ ମେହେର ପହଞ୍ଚି ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ କରିଥିବା ଜଣାଯାଇଛି।

## ଜିଲା ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର ଅଫିସ, ୮।୨

ସ୍ଥାନୀୟ ଗାନ୍ଧୀ ପାଠାଗାରଠାରେ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲତା ମଙ୍ଗେସ୍କରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷମାନଙ୍କରେ ଉପଭୋକ୍ତା ସଂଘର ମାର୍ଗଦର୍ଶନ କରିଥିବାରୁ ପୂର୍ବତନ ସଭାପତି ବିକ୍ରମାନନ୍ଦ ବହିଦାରଙ୍କୁ ଉପସ୍ଥିତ ସଭ୍ୟବୃନ୍ଦ ସମ୍ମାନିତ କରିଥିଲେ। ପରେ ସହସମ୍ପାଦକ ପ୍ରଭାକର ମିଶ୍ର ଗତ ଅଧିବେଶନର ବିବରଣୀ ପଠନ କରିଥିଲେ। ତାହା ସର୍ବସର୍ବତି କ୍ରମେ ଅନୁମୋଦିତ ହୋଇଥିଲା । ଆଲୋଚନା ଆରମ୍ଭ କରି ନିମନ୍ତ୍ରିତ ସଭ୍ୟ ଅଚ୍ୟୁତାନନ୍ଦ ଉଦ୍‌ଗାତା ଏବଂ ସଂଘ ପ୍ରବକ୍ତା ଗୋପଭୂଷଣ ନାଥ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବ ହେତୁ କେନ୍ଦ୍ର ରେଳ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ସଭ୍ୟ ବୃନ୍ଦାବନ ବରାଳ, ମନୋରଞ୍ଜନ ପୁରୋହିତ ଏବଂ ଦିବାକର ହୋତା ସମତା ଏକ୍ସପ୍ରେସକୁ ବରଗଡ, ବଲାଙ୍ଗୀର ପର୍ଯ୍ୟନ୍ତ ବଢାଇବା, ରାଏପୁର ସମ୍ବର୍କ କ୍ରିନ୍ତି ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ବଢାଇବା ଆଦି ଦାବି ଉପରେ ଆଲୋଚନା କରିଥିଲେ । ପୂର୍ବତନ ସଭାପତି ବିକ୍ରମାନନ୍ଦ ବହିଦାର, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଛବିଲାଲ ବେହେରା ତଥା ମହେଶ୍ୱର ସାହୁ ରେଳ ଉପଭୋକ୍ତା ସଂଘର ବିଭିନ୍ନ ଦାବିକୁ ନେଇ ଜିଲ୍ଲାର ବିଭିନ୍ନ ସଂଗଠନମାନଙ୍କ ସହ ଏକ ମିଳିତ ମଞ୍ଚ ମାଧ୍ୟମରେ ବିଶାଳ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ମତ ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ୨୭ ତାରିଖରେ ସାଧାରଣ ପରିଷଦର ବୈଠକ ପାଇଁ ସ୍ଥିର କରାଯାଇଥିଲା।

## ବଜରଙ୍ଗବାଲି କ୍ରିକେଟ: ବହଲପଦର ଚାମ୍ପିୟନ

ଅମରପାଲି/ରେଢାଖୋଲ, ୮।୨(ଡି.ଏନ.ଏ.)



ଚାମ୍ପିୟନ ବହଲପଦର ଦଳକୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ କୁଆଖୋଲ ଗ୍ରାମରେ ଚାଲିଥିବା ଅଷ୍ଟମ ବୀର ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି ବହଲପଦର। ଫାଇନାଲରେ ଖୁବେଲକୁ ଦଳ ହରାଇ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ ତିନିଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଖୁବେଲ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଫର୍ମାଟରେ ବହଲପଦର ବିଜୟୀ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପରଓଭର ଖେଳା ଯାଇଥିଲା। ଏଥିରେ ବହଲପଦର ବିଜୟୀ ହୋଇଥିଲା। ଆୟୋଜକ ସଭାପତି ଶାନ୍ତନୁ ସୁମୁର୍ଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଦୀପ୍ତିବାଳା ଗଡନାୟକ, ପୂର୍ବତନ ସରପଞ୍ଚ ନୃପତି ପଧାନ, ଶ୍ରାବଣୀ ଭୋଇ, ହୀରାବତୀ ପଧାନ, ରମାକାନ୍ତ ଗଡନାୟକ, ବଶିଷ୍ଟ ସୁମୁର୍ଥା, ସସ୍ମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ। ବହଲପଦରର ସରୋଜ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ, ସନତଙ୍କୁ ବେଷ୍ଟ ବୋଲର ଏବଂ ଖୁବେଲର ରୋହିତ ପଧାନଙ୍କୁ ବେଷ୍ଟ ସିକ୍ସରଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ମିଳନ ବିଶ୍ୱାଳ ଓ ସରୋଜ ଘୁଟା ପରିଚାଳନା କରିଥିଲେ। ବିକ୍ରମ ଭୋଇ ସ୍କୋରିଂ ଏବଂ ଶାନ୍ତନୁ ସୁମୁର୍ଥା ଧାରା ବିବରଣୀ ପ୍ରଦାନ କରିଥିଲେ।

## କଣ୍ଡରାକୁ ସ୍ଥାୟୀ ରାସ୍ତା ଦାବିରେ ଜାତୀୟ ରାଜପଥ ଅବରୋଧ

**ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା**

ବୌଦ୍ଧ,୮।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ବଣପାହାଡ ଘେରା ତଥା ଆଦିବାସୀ ଅଧ୍ୟୁଷିତ ବହୁଳ ଅଞ୍ଚଳ । ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ପାଇଁ ଗାଁଗୁଡିକ ସରଗରମ ହୋଇ ପଡିଥିବା ବେଳେ ଏପଟେ ଆଦିବାସୀ ହରିଜନ ସଂଗ୍ରାମ ସମିତି ପକ୍ଷରୁ ମୌଳିକ ସୁବିଧା ଦାବିରେ ମଙ୍ଗଳବାର ମାଧପୁରଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଏଥିଯୋଗୁ ପ୍ରାୟ ୩ ଘଣ୍ଟା ଧରି ଶତାଧିକ ଯାନବାହାନ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତର ବଣପାହାଡ ଘେରା ଅଞ୍ଚଳ ହେଉଛି କଣ୍ଡରା, କାଚପାଜୁ ,ବାଙ୍କପାଜୁ ଓ ସୁଲକେଟି । ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ସବୁଦିନିଆ ରାସ୍ତା ହୋଇ ପାରିନାହିଁ । ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଫଳରେ ମଙ୍ଗଳବାର ଉପରୋକ୍ତ ୪ଟି ଗ୍ରାମର ଅଧିବାସୀ ଆଡେଣିଗଡ ଠାରୁ କଣ୍ଡରା ପର୍ଯ୍ୟନ୍ତ ସବୁଦିନିଆ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ସକାଳ ୬ଟାରୁ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ଏଥିଯୋଗୁ କନ୍ଧମାଳ ଓ ବୌଦ୍ଧ ଜିଲାକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଥିଲା । ଦୀର୍ଘ ୩ ଘଣ୍ଟା ପରେ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର ଅବରୋଧ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ କିଛି କରିହେବ ନାହିଁ । ନିର୍ବାଚନ ଶେଷ ପରେ ଗ୍ରାମକୁ ଯାଇ ତଦାରଖ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ତେବେ ଗ୍ରାମବାସୀ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି ।

## ବଦଳିପାରେ ଜିଲା ପରିଷଦ ଆସନ ସମୀକରଣ



ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରଚାର କରୁଛନ୍ତି।

ଜୁନାଗଡ,୮।୨(ଡି.ଏନ.ଏ.)

ଆସନ୍ତା ୧୬ ତାରିଖରୁ ପଞ୍ଚାୟତ ନିର୍ବାଚନ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ରହିଛି କଳାହାଣ୍ଡି ଜିଲାର ସବୁବେଳେ ଚର୍ଚ୍ଚାରେ ରହିଥିବା ଜୁନାଗଡ ନିର୍ବାଚନ ମଣ୍ଡଳୀ। ଏପରିସ୍ଥଳେ ଭୋଟରଙ୍କୁ ମନାଇବା ପାଇଁ ଗତ କିଛି ଦିନ ହେଲା ସମସ୍ତ ରାଜନୈତିକ ଦଳ ଦିନରାତି ଏକ କରି ଦେଇଛନ୍ତି। ମମିତା ମେହେର ହତ୍ୟା ଘଟଣା ପରେ ବି ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଛବି ମଳିନ ହୋଇ ନ ଥିବାବେଳେ ଏବେ ମଧ ତାଙ୍କ କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଦଳ ମଧ ତାଙ୍କୁ ଭରସା କରିଛି। ଜୁନାଗଡ ନିର୍ବାଚନ ମଣ୍ଡଳରେ ୭ଟି ଜିଲା ପରିଷଦ ଆସନ ରହିଛି। ଏଥିରେ ଜୁନାଗଡ ବ୍ଲକରେ ୪ଟି ଓ ଗୋଲାମୁଣ୍ଡା ବ୍ଲକରେ ୩ଟି ରହିଛି। ଗତଥର ସମସ୍ତ ୭ଟି ଆସନ ଭାଜପା ଖାତାକୁ ଯାଇଥିଲା। ଏଥର କିନ୍ତୁ ଏହାର ସମୀକରଣ ବଦଳି ପାରେ ବୋଲି ଲୋକଙ୍କଠୁ ଶୁଣିବାକୁ ମିଳୁଛି। ବିଜେଡି ଏଥର ଏହି ପଦ ହାତେଇବା ପାଇଁ ସରକାରଙ୍କ ଲୋକାଭିମୁଖୀ ଓ ବିକାଶର ବର୍ତ୍ତା ନେଇ ପ୍ରଚାର କରୁଛି। ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ବିକାଶଧାରାକୁ ନେଇ ମନ୍ତ୍ରୀ ମିଶ୍ର ପ୍ରଚାର କରିଛନ୍ତି। ସେହିପରି ଜୁନାଗଡ ନିର୍ବାଚନ ମଣ୍ଡଳୀରେ ଗତ ୮ ବର୍ଷରେ ମନ୍ତ୍ରୀ ମିଶ୍ରଙ୍କ ନେତୃତ୍ୱରେ ହେଇଥିବା ବିକାଶ ଓ ନବୀନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଲୋକଙ୍କ ମନକୁ ପାଉଥିବାରୁ ଏହା ଦଳ ପାଇଁ ବେଶ ସଫଳତା ଆଣିଦେବ ବୋଲି ଚର୍ଚ୍ଚା ହେଉଛି।

## ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

ବରଗଡ଼ ଅଫିସ୍,୮।୨

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ରରେ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଛତ୍ରପତି ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଡଃ ମନୋଜ କୁମାର ସାହୁ, ଭାର୍ଗବ ଚନ୍ଦ୍ର ନାଏକ, ଗୋପୀନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଜମି ପ୍ରସଙ୍ଗ, ଛାତ୍ରବୃତ୍ତି, ଅନ୍‌ଲାଇନ ଓ ଅଫ୍‌ଲାଇନ ପାଠପଢ଼ା, ପାଠପଢ଼ା ସମ୍ପର୍କୀତ ନିୟମିତ ସୂଚନା ପ୍ରଦାନ, ଶ୍ରେଣୀଗୃହରେ ପାଠପଢ଼ାବେଳେ କୋଭିଡ୍ ଗାଇଡ୍ ଲାଇନ ପାଳନ ଆଦି ଉପରେ ଆଲୋଚନା ହୋଇଥିଲା। ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷମାନେ ମତାମତ ରଖିଥିଲେ। ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀମାନେ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଆମ ସ୍କୁଲ ଆମକୁ ଫେରାଇ ଦିଅ

ବରଗଡ଼ ଅଫିସ୍,୮।୨

ଅଣ୍ଡା, ଚାଉଳ ନେଇଯାଅ। ସରକାର ଆମକୁ ଆମ ସ୍କୁଲ ଫେରାଇ ଦିଅ। ଏଭଳି ନାରାବାଜି କରି ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଶାଖା ପକ୍ଷରୁ ମଙ୍ଗଳବାର ଗୋଡ଼ଭଗା ପଞ୍ଚାୟତ କେନ୍ଦୁପାଲି ଗ୍ରାମର ପ୍ରାଥମିକ ସ୍କୁଲକୁ ବନ୍ଦ ଓ ଅନ୍ୟତ୍ର ମିଶ୍ରଣ ପ୍ରତିବାଦରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

କେନ୍ଦୁପାଲି ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଠିକ୍ ରହିଛି। କିନ୍ତୁ ସରକାର ଉକ୍ତ ସ୍କୁଲକୁ ବନ୍ଦ କରି ଅନ୍ୟ ସ୍କୁଲରେ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଦ୍ୱାରା କେନ୍ଦୁପାଲି ଅଞ୍ଚଳର ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି ବୋଲି ଅଭିଭାବକ ସଂଘ ଅଭିଯୋଗ କରିଛି ଏବଂ ସ୍କୁଲ ବନ୍ଦ ନ କରିବାକୁ ସରକାରଙ୍କୁ ନିବେଦନ କରିଛି। ଏଭଳି ଦାବି ନେଇ ବରଗଡ଼ ଜିଲା ଅଭିଭାବକ ମହାସଂଘ ସଭାପତି ବିମଳ ଦାଶ, ସାଧାରଣ ସମ୍ପାଦକ ସୁଜିତ କୁମାର ଦାଶ, ଶିବାନନ୍ଦ ମଟାରୀଙ୍କ ନେତୃତ୍ୱରେ କେନ୍ଦୁପାଲି ଗ୍ରାମର ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

## କ୍ରୀଡ଼ା ସଂଗଠକ ସୁମନ୍ତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ରୁଗୁଡିପଡ଼ା ଦୁର୍ଗାପୂଜା ମଣ୍ଡପଠାରେ କ୍ରୀଡା ସଙ୍ଗଠକ ସ୍ୱର୍ଗତ ସୁମନ୍ତ ଭୋଇଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଟ୍ରଷ୍ଟ ସଭାପତି ଚେତନାନନ୍ଦ ପଣ୍ଡାଙ୍କ ଅଧକ୍ଷତା ଏବଂ ଉପଦେଷ୍ଟା ସୁଭାବ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଟ୍ରଷ୍ଟ, କ୍ଲବ ଏବଂ ସହରର ବହୁ ବୁଦ୍ଧିଜୀବୀ, ସଙ୍ଗଠକ ଓ କ୍ରୀଡାବିତ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ରମାକାନ୍ତ ସେଟ୍, ବିଶ୍ୱଜିତ ନାଏକ, ଉଦିତ ପଣ୍ଡା, ଜୟପ୍ରକାଶ ପଣ୍ଡା, ଜୟନ୍ତ ମହାନ୍ତି, ପ୍ରଭାଶ ପାଣିଗ୍ରାହୀ, ହିମାଂଶୁ ଶେଖର ପାଢ଼ୀ, ସତ୍ୟବ୍ରତ ପଣ୍ଡା, ତେଜରାଜ ସିଂ, ପ୍ରେମାନନ୍ଦ ନନ୍ଦ, ଶଶୀଶେଖର ପଣ୍ଡା ସ୍ୱର୍ଗତ ଭୋଇଙ୍କ ଜୀବନାଦର୍ଶ, କ୍ରୀଡା ସଙ୍ଗଠନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସଭ୍ୟ ସ୍ୱର୍ଗତ ପିଣ୍ଟୁ ଭାଟିଙ୍କର ମଧ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟିର ଶିବାନନ୍ଦ ବାଗ, ମନୋଜ ଚିନ୍ଦା, ପୃଥ୍ୱୀରାଜ ମିଶ୍ର, ବିଷ୍ଣୁଦତ୍ତ ହୋତା, ନୟନ ମହାନ୍ତି, ଦେବାଶିଷ ମହାକୁର, ଅରୁଣ କୁମାର ନାଏକ, ସରୋଜ ନନ୍ଦ, ଅଭି ବର୍ଗତୀ ଏବଂ ନବକିଶୋର ଦଳର ସମସ୍ତ ଖେଳାଳୀ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ରୁଗୁଡିପଡା ଦୁର୍ଗାପୂଜା ମଣ୍ଡପରେ ସୁମନ୍ତ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ରୂପାନ୍ତରଣ କାମ ବନ୍ଦ କଲେ ଗ୍ରାମବାସୀ

ଲୋଇସିଂହା, ୮।୨(ଡି.ଏନ.ଏ.)

- ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ ଆଣିଲେ
- କାମ ଆରମ୍ଭ ନହେଉଣୁ କେମିତି ଦୁର୍ନୀତି ହେଲା: ବିଡିଓ



ବିରୋଧ କରୁଥିବା ଗ୍ରାମବାସୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଲାଲ ବାହାଦୁର ନୋଡାଲ ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୫ଟି ଯୋଜନାରେ ସାମିଲ ହୋଇ ରୂପାନ୍ତରଣ କାମ ଚାଲିଛି। କାମରେ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗ୍ରାମବାସୀ ସ୍କୁଲ ପରିସରରେ ପ୍ରତିବାଦ କରିବା ସହ କାମ ବନ୍ଦ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ଆଗକୁ କାମ ସୁଚାରୁ ରୂପେ କରିବା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସ୍କୁଲର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଅତ୍ୟାଧୁନିକ ଶ୍ରେଣୀ କୋଠରି, କମ୍ପ୍ୟୁଟର ଓ ବିଜ୍ଞାନଗାର କାମ କରାଯାଉଛି। ହେଲେ କାମରେ ନିମ୍ନମାନର ସିମେଣ୍ଟ, ଟାଇଲ ବ୍ୟବହାର କରାଯାଉଛି। ଏହାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଛାତ୍ର ତଥା ୫ଟି କମିଟି ସଦସ୍ୟ ରିତ ନନ୍ଦ କହିଛନ୍ତି କାମ କରିବା ପୂର୍ବରୁ ବିଭିନ୍ନ କମିଟିର ବୈଠକ ବସିଥିଲା । ଏଠାରେ ପ୍ରଥମରୁ କୁହାଯାଇଥିଲା ଯେ ଉନ୍ନତମାନର ସାମଗ୍ରୀ ବ୍ୟବହାର କରାଯିବ। ହେଲେ ନିମ୍ନମାନର ସାମଗ୍ରୀରେ କାମ କରାଯାଉଛି। ଏଥିସହିତ କମ୍ କାମ କରି ଜାଲ କାଗଜପତ୍ରରେ ୧୮ଲକ୍ଷ ୫୦ହଜାର ବିଲ ପାଇଁ କମିଟି ସଦସ୍ୟଙ୍କଠାରୁ ଦସ୍ତଖତ ନିଆଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ପଟେଲ କାମକୁ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ନିମ୍ନମାନର କାମ ହେଉଥିବାରୁ ଟାଇଲ ଉଠି ଯାଉଥିବା ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଏ ଦିଗରେ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ । ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାର୍ଡିଆ କହିଛନ୍ତି ମାତ୍ର ୨୦ ପ୍ରତିଶତ କାମ ହୋଇଛି। କାମ ଆରମ୍ଭ ନହେଉଣୁ କେମିତି ଦୁର୍ନୀତି ହେଲା। ଅଭିଯୋଗର କୌଣସି ଭିନ୍ନ ଉଦ୍ଦେଶ୍ୟ ଥାଇ ପାରେ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୯ ଫେବୃୟାରୀ, ୨୦୨୨



## ସାନି ବିଜ୍ଞପ୍ତି ପରେ ବି ୭ ୱାର୍ଡସଭ୍ୟ ପାଇଁ ହେଲାନି ନାମାଙ୍କନ

ଅମରପାଲି,(ନି.ପ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ନାମାଙ୍କନ ପତ୍ର ଦାଖଲ ହୋଇ ନ ଥିବା କିମ୍ବା ସମସ୍ତ ନାମାଙ୍କନ ପତ୍ର ଖାରଜ ହୋଇଥିବା ୧୨ଟି ୱାର୍ଡ ସଭ୍ୟ ପଦରେ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସାନି ବିଜ୍ଞପ୍ତି ପ୍ରକାଶ ପାଇ ନାମାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ମଧ୍ୟ ୭ଟି ୱାର୍ଡ ସଭ୍ୟ ପଦ ପାଇଁ କେହି ନାମାଙ୍କନ କରି ନ ଥିବା ଜଣାଯାଇଛି। ସୂଚନାମତେ ହିଲୁଙ୍ଗ ପଞ୍ଚାୟତର ୧୧, ଲୁତୁରପଙ୍କ ପଞ୍ଚାୟତର ୪ ଓ ୮, ସଂଗ୍ରାମପୁର ପଞ୍ଚାୟତର ୮, ଚମ୍ପାମାଲ ପଞ୍ଚାୟତର ୩, ସୁବଳୟା ପଞ୍ଚାୟତର ୫ ଓ ଦୁର୍ଜନତୈଳା ପଞ୍ଚାୟତର ୧ ନମ୍ବର ୱାର୍ଡ ପାଇଁ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବା ବ୍ଲକ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

## ସଂକ୍ଷେପରେ

### ସାଲେପାଲିରେ ଜମୁଛି ନିର୍ବାଚନୀ ପ୍ରଚାର

ଦେଓଗାଁ, ୮।୨ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଚଳିତ ପଞ୍ଚାୟତ ନିର୍ବାଚନ ବେଶ ଚର୍ଚ୍ଚାରେ ରହିଛି। ଏଠାରେ ସମିତି ସଭ୍ୟ ପାଇଁ ଲଢୁଛନ୍ତି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର। ଏଥର ଅଧ୍ୟକ୍ଷ ପଦ ପାଇଁ ସେ ଲଢୁଥିବାରୁ ବିରୋଧୀମାନେ ତାଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତି ପୂର୍ବକ ପ୍ରଚାର ଅଭିଯାନକୁ ଜୋରଦାର କରୁଛନ୍ତି। ମଙ୍ଗଳବାର ଯୁବ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ସାଲେପାଲି ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥୀନୀ ମୁକ୍ତାଦେଇ ତାଣ୍ଡି ଓ ସମିତି ସଭ୍ୟ ପ୍ରାର୍ଥୀ ଶମ୍ଭୁ ପଧାନଙ୍କ ପାଇଁ ଘରଘର ବୁଲି ଭୋଟଭିକ୍ଷା କରିଥିଲେ। ଅନ୍ୟପକ୍ଷେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମେହେର ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଯାଇ ଲୋକଙ୍କୁ ଏକତ୍ରିତ କରି ଭୋଟଭିକ୍ଷା କରୁଛନ୍ତି। ଅଧ୍ୟକ୍ଷ ପଦ ଦୌଡରେ ଥିବାରୁ ସାଲେପାଲିର ଜନସାଧାରଣ ନିଶ୍ଚିତଭାବେ ତାଙ୍କୁ ଆଶୀର୍ବାଦ କରିବେ ବୋଲି କହିଛନ୍ତି ଲକ୍ଷ୍ମଣ ମେହେର। ପୂର୍ବରୁ କଂଗ୍ରେସରେ ଥିବା ଲକ୍ଷ୍ମଣ ଦଳ ଛାଡି ବିଜେଡିରେ ଯୋଗଦେବା ପରେ ସମଗ୍ର ବ୍ଲକରେ ନୂତନ ରାଜନୈତିକ ସମୀକରଣ ଦେଖିବାକୁ ମିଳୁଛି।

### ରାସ୍ତା ଅବରୋଧ ପାଇଁ ୧୫ ହଜାର ଫାଇନ୍

ବଲାଙ୍ଗୀର ଅଫିସ, ୮।୨: ବଲାଙ୍ଗୀର ସହର ଶାନ୍ତିପଡା ମୁଖ୍ୟରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରିଥିବା ଯୋଗୁଁ ମ୍ୟୁନିସିପାଲିଟି ପକ୍ଷରୁ ୧୫ ହଜାର ଟଙ୍କାର ଫାଇନ ଆଦାୟ କରାଯାଇଛି। ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଟିମ୍ ସମ୍ପୃକ୍ତ ଘରକୁ ଯାଇ ଚଢ଼ାଉ କରିବା ସହ ଘର ନିର୍ମାଣ କରୁଥିବା ବିଜେନ୍ଦ୍ର ଗୁପ୍ତାଙ୍କ ଉପରେ ୧୫ ହଜାର ଟଙ୍କାର ଫାଇନ କାଟିଥିଲେ। ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖିଥିବାରୁ ସେଠାରେ ଯାତାୟାତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ।

### ହୃଦ୍‌ଘାତରେ ଖବରଦାତାଙ୍କ ପରଲୋକ

ଅତାବିରା/ସରଣ୍ଡା,୮।୨(ଡି.ଏନ.ଏ): ବରଗଡ଼ ଗୋଡ଼ଭଗାର ଖବରଦାତା ଉପେନ୍ଦ୍ର ପଣ୍ଡାଙ୍କ ମଙ୍ଗଳବାର ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୫୫ବର୍ଷ ହୋଇଥିଲା। ସୋମବାର ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବୁର୍ଲା



ଡାକ୍ତରଖାନା ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ବିଳମ୍ବିତ ରାତ୍ରିରେ ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ସ୍ୱର୍ଗତ ପଣ୍ଡାଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ବରଗଡ଼ ସାମ୍ବାଦିକ ସଂଘ, ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼ ଏବଂ ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

# ବିଜୟ ଲକ୍ଷ୍ୟରେ ତିନି ପ୍ରମୁଖ ଦଳ

ସୋନପୁର,୮।୨(ନି.ପ୍ର.)

### ଡୁଙ୍ଗୁରିପାଲି ବ୍ଲକ ୧ ନଂ ଜିଲା ପରିଷଦ ଜୋନ୍


ପ୍ରଭାତି କୁମ୍ଭାର(ଭାଜପା)


ସୁପାର ଠେଲା(ବିଜେଡି)


ଦେବକୀ ପଧାନ(କଂଗ୍ରେସ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୧ ନମ୍ବର ଜିଲା ପରିଷଦ ଜୋନରେ ଶୁଖା, ଚେରୁପାଲି, ବୈଦୁପାଲି, ଦିଗଶିରା, ସୁନାପାଲି, ବନ୍ଧପାଲି, ସରଗୁଲ, କର୍ଲାଜୁରି ଓ ଇଚ୍ଛାପୁର ଆଦି ୯ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୦୭ ଓ ଭୋଟର ସଂଖ୍ୟା ୩୦,୦୦୭। ଆସନ୍ତା ୧୬ତାରିଖରେ ଏଠାରେ ନିର୍ବାଚନ ହେବ। ୨୦୧୭ ନିର୍ବାଚନରେ ଉକ୍ତ ଜୋନରେ ଭାଜପା ପ୍ରାର୍ଥୀ ରୁଦ୍ର କିଶୋର ମହଲା ୪୬୯୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ରଞ୍ଜନ କୁମାର ଠେଲାଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ରୁଦ୍ର କିଶୋର ଜିଲା ପରିଷଦ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏଥର ଏହି ଜୋନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ନିର୍ବାଚନ ମଇଦାନରେ ଅଛନ୍ତି ଭାଜପାର ପ୍ରଭାତି କୁମ୍ଭାର, ବିଜେଡିର ସୁପାର ଠେଲା, କଂଗ୍ରେସର ଦେବକୀ ପଧାନ ଓ ସ୍ୱାଧୀନ ପ୍ରାର୍ଥୀନୀ ନମିତା ଦୀପ। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜୟ ଲକ୍ଷ୍ୟରେ ଅଛନ୍ତି। ଏହି ଜୋନର ସୁନାପାଲି, ବନ୍ଧପାଲି, ସରଗୁଲ ଓ ବୈଦୁପାଲି ପଞ୍ଚାୟତର ଚାଷ ଜମି ହୀରାକୁଦ କେନାଲ ପାଣି ଦ୍ୱାରା ଜଳସେଚିତ। ଇଚ୍ଛାପୁର ପଞ୍ଚାୟତରେ ଅଧାଜମି ଜଳସେଚିତ ହେଉଥିବା ବେଳେ କେନାଲ ତଳମୁଣ୍ଡରେ ଥିବା ଶୁଖା, ଚେରୁପାଲି, ଦିଗଶିରା ଓ କର୍ଲାଜୁରୀ ପଞ୍ଚାୟତର ଚାଷଜମିକୁ ପାଣି ପହଞ୍ଚୁନି। ହେଲେ ଚାଷୀଙ୍କ ନିକଟରୁ ଜଳ କର ଆଦାୟ କରାଯାଉଛି । ଅଙ୍ଗ ନଦୀରେ ଆନିକଟ କରା ଯାଇ ପାରିନି। ଚାଷୀଙ୍କ ଧାନ ବିକ୍ରି ସମୟରେ ମଣ୍ଡିଗୁଡିକରେ ସମସ୍ୟା ରହୁଛି। ଏହି ସବୁ ଅଞ୍ଚଳରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ୍ ଭଳି ମୌଳିକ ସମସ୍ୟା ଥିବା ବେଳେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ନିର୍ବାଚନ ପ୍ରଚାର ସମୟରେ ଲୋକେ ବିକାଶ କଥା ଆଲୋଚନା କରିବା ସହ ପ୍ରାର୍ଥୀମାନଙ୍କ ଦକ୍ଷତା ଓ ଦଳକୁ ପରଖୁଛନ୍ତି।

ବିଜେଡି ଗତ ଥର ଦଳୀୟ ପ୍ରାର୍ଥୀ ଥିବା ରଞ୍ଜନ କୁମାର ଠେଲାଙ୍କ ପତ୍ନୀ ସୁପାରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପା ନବାଗତ ପ୍ରଭାତିଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ନିଜର ପାରମ୍ପରିକ ଭୋଟ ହାତେଇବା ପାଇଁ ଚେଷ୍ଟା ଜାରି ରଖିଛି। ଭାଜପା ନିଜ ପୂର୍ବ ଆସନ ବଜାୟ ରଖିବାକୁ ଚେଷ୍ଟା କରୁଥିବା ବେଳେ ବିଜେଡି ଏହି ଜୋନ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ କରୁଛି। ତେବେ ଅଞ୍ଚଳର ବିକାଶ ପାଇଁ ମତଦାତା କେଉଁ ପ୍ରାର୍ଥୀଙ୍କୁ ଅଧିକ ପସନ୍ଦ କରିବେ ତାହା ଦେଖିବାକୁ ବାକି ରହିଲା।

**୨୦୧୭ରେ ଭୋଟ ଭାଗ**

| ଦଳର ନାମ | ପାଇଥିବା ଭୋଟ |
|---|---|
| ଭାଜପା | ୧୩୧୮୦ |
| ବିଜେଡି | ୮୪୮୪ |
| କଂଗ୍ରେସ | ୧୪୪୩ |

## ବ୍ୟାନର, ପୋଷ୍ଟର ହଟାଇଲା ପ୍ରଶାସନ


ରାସ୍ତାରେ ଲାଗିଥିବା ବ୍ୟାନରକୁ ହଟାଯାଉଛି।

ଲୋଇସିଂହା,୮।୨(ଡି.ଏନ.ଏ.)

**ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସ୍ଥାନରେ ଲାଗିଥିଲା**

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସ୍ଥାନମାନଙ୍କରେ ଲାଗିଥିବା ପ୍ରାର୍ଥୀଙ୍କ ବ୍ୟାନର, ପୋଷ୍ଟରକୁ ମଙ୍ଗଳବାର ହଟାଇଛି ବଲାଙ୍ଗୀର ଜିଲା ଲୋଇସିଂହା ପ୍ରଶାସନ। ତହସିଲଦାର ସଂଘମିତ୍ରା କାଲୋ, ଆଡିସିନାଲ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜଙ୍କ ଉପସ୍ଥିତିରେ ଲୋଇସିଂହା ପୋଲିସ ଏସବୁକୁ ହଟାଇଛି। ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗହଳିରେ ପ୍ରଚାର ଜୋରଦାର ଚାଲିଛି। ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ପ୍ରାର୍ଥୀମାନେ ବ୍ୟାନର, ପୋଷ୍ଟର ସାହାରା ନେଉଛନ୍ତି। ହେଲେ ସେଗୁଡିକ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଓ ବିଦ୍ୟୁତ ଖୁଣ୍ଟ, ରାସ୍ତା ପାର କରି ଲଗାଇବା ଉପରେ ନିର୍ବାଚନ କମିଶନ ଆଚରଣବିଧି ଉଲଂଘନ ଦର୍ଶାଇ ଅଙ୍କୁଶ ଲଗାଇଛି। ହେଲେ ଏସବୁକୁ କେତେକ ଏହାର ଅମାନ୍ୟ କରି ବ୍ୟାନର, ପୋଷ୍ଟର ଲଗାଇଛନ୍ତି। ସୁଜିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପାଚେରିରେ ଲାଗିଥିବା ମାଳମାଳ ବ୍ୟାନର, ପୋଷ୍ଟର ହଟାଇଛି ପ୍ରଶାସନ। ଅନୁରୂପଭାବେ ବାଦିବାହଲ, ହୀରାପୁର, ଗୋପାଳପୁର, ବାରଡୋଲ, ଟେବାଡୁଙ୍ଗରୀ, ଯୋଗୀସର୍ଡାର ବିଭିନ୍ନ ସ୍ଥାନରେ ଲାଗିଥିବା ନିର୍ବାଚନ ପ୍ରଚାରପତ୍ର ହଟାଯାଇଛି।

# ଭାଜପା ପାଇଁ ସମ୍ମାନର ପ୍ରଶ୍ନ

ବୌଦ୍ଧ,୮।୨(ସ୍ୱ.ପ୍ର.)

**ଜିଲା ପରିଷଦ ନିର୍ବାଚନ ୪ ନମ୍ବର ଜୋନ**

ଚଳିତ ପଞ୍ଚାୟତ ନିର୍ବାଚନରେ ବୌଦ୍ଧ ଜିଲାର ୯ ଗୋଟି ଜିଲା ପରିଷଦ ଆସନରେ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି। ଜିଲାରେ କଂଗ୍ରେସ ମଧ୍ୟ କିଛି ଆସନ ନେବାକୁ ଅଶାବାଦୀ ଅଛି। ଗତ ନିର୍ବାଚନରେ ଭାଜପା ହାତରେ ୬ ଓ ୭ ନମ୍ବର ଜୋନ ଥିବା ବେଳେ ୯ନଂ ଜୋନ ସିପିଆଇ ନେବାରେ ସଫଳ ହୋଇଥିଲା। ବିଜେଡି ୬ ଗୋଟି ଜିଲା ପରିଷଦ ଆସନ ଅକ୍ତିଆର କରି ଜିଲାପରିଷଦ ଅଧ୍ୟକ୍ଷ ପଦ ହାତେଇବାରେ ସଫଳ ହୋଇଥିଲା। ଏଥର ବିଜେଡି ସମସ୍ତ ଆସନ ଦଖଲ ଲକ୍ଷ୍ୟରେ ଥିବା ବେଳେ ଭାଜପା ଅଧିକ ଆସନ ହାତେଇବା ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ଟିକେଟ ଦେଇଛି। ବିଶେଷ କରି କଣ୍ଟାମାଳ ନିର୍ବାଚନମଣ୍ଡଳୀର ୪ ଗୋଟି ଜିଲା ପରିଷଦ ଆସନ ମଧ୍ୟରୁ ୩ ଗୋଟି ଆସନରେ ଭାଜପା କଡା ଟକ୍କର ଦେବା ସହିତ ବିଜୟ ସମ୍ଭାବନା ରହିଥିବା ନେଇ ଦଳୀୟ ନେତାମାନେ ଆଶାବାଦୀ ରହିଛନ୍ତି। ତେଣୁ ଜିଲା ଓ ରାଜ୍ୟସ୍ତରର ନେତାମାନେ ଅଧିକ ଭାବରେ କଣ୍ଟାମାଳ ନିର୍ବାଚନମଣ୍ଡଳୀ ଉପରେ ଫୋକସ୍ କରୁଥିବା ଜଣାଯାଇଛି। ଭାଜପା ୪ ନମ୍ବର ଜିଲା ପରଷଦ ଜୋନରେ ଯୁବନେତା ଇଂ. ରାକେଶ କୁମାର ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଛି । ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରଣାରେ ଏକ କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର ଚାକିରି ଛାଡି ରାଜନୀତିରେ ପ୍ରବେଶ କରିଛନ୍ତି। ଏହାଛଡା ବାଉଁଶୁଣୀ ଅଞ୍ଚଳରେ ତାଙ୍କ ପରିବାରର ସମାଜସେବା ସବୁବେଳେ ଚର୍ଚ୍ଚାରେ ରହି ଆସଛି । ଇଂ ରାକେଶ ଜଣେ ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ସେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏପଟେ କଣ୍ଟାମାଳ ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା କହ୍ନାଇଁ ଚରଣ ଡାଙ୍ଗଙ୍କ ସମର୍ଥନ ରାକେଶଙ୍କ ବିଜୟ ପଥକୁ ଅଧିକ ସୁଗମ କରିବ ବୋଲି ଆଲୋଚନା ହେଉଛି । ବିଜେଡି ଏଠାରେ ରାଜ୍ୟ ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ବସିଥିବା ଚର୍ଚ୍ଚା ଜୋର ଧରିଛି । ଚଳିତ ପଞ୍ଚାୟତ ନିର୍ବାଚନରେ ୪ ନଂ ଜୋନ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇପଡିଛି।

## 'ନିର୍ବାଚନରେ ଚିନିକଳ ପୁନଃଚାଲୁକୁ ମୁଖ୍ୟ ପ୍ରସଙ୍ଗ କର'

ଦେଓଗାଁ,୮।୨ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲିସ୍ଥିତ ଚିନିକଳ ପୁନଃଚାଲୁ ପ୍ରସଙ୍ଗକୁ ନେଇ ଆନ୍ଦୋଳନକାରୀଙ୍କ ପକ୍ଷରୁ ମଙ୍ଗଳବାର ଏଟିଏମ ଛକରେ ଏକ ପ୍ରେସବାର୍ତ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ. ବିପିନ କୁଶୁଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିନିକଳ ପୁନଃଚାଲୁ ପାଇଁ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା । ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ଚିନିକଳ ପୁନଃଚାଲୁକୁ ମୁଖ୍ୟ ପ୍ରସଙ୍ଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଚିନିକଳ ପୁନଃଚାଲୁ ଦିଗରେ ଏବେ କେତେକ ରାଜନେତା ପୁନଃଚାଲୁ ପାଇଁ ଅଣ୍ଟା ଭିଡିବା ଓ ଗଣମାଧ୍ୟମ ଜରିଆରେ ପ୍ରତିଶ୍ରୁତି ଦେବା ଏକ ପରିହାସ ସଦୃଶ ବୋଲି ବୈଠକରେ ମତପ୍ରକାଶ ପାଇଛି । ଗତ ୮ବର୍ଷ ହେଲା ଚିନିକଳ ବନ୍ଦ ପଡିଛି। ପୁନଃ ଚାଲୁପାଇଁ ଭିଲେଜର୍ସ ଇଣ୍ଡିଆପାର୍ଟି, ପଶ୍ଚିମ ଓଡିଶା ସେବାସଂଘ , ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ, ଚିନିକଳ କାର୍ଯ୍ୟକ୍ଷମ କମିଟି, ଚିନିକଳ କର୍ମଚାରୀ ସଂଘ ଆଦି ସଂଗଠନର ମିଳିତରେ ଆଜକୁ ୧୬୦ ଦିନହେଲା ଚିନିକଳ ସମ୍ମୁଖରେ ଧାରଣା ଚାଲିଥିଲା। ବେଳେ ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ପାଇଁ ଆନ୍ଦୋଳନ ସ୍ଥଗିତ ରହିଛି । ନିର୍ବାଚନ ପରେ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ଏକ ବିଶାଳ ଆଖୁଚାଷୀ ସମାବେଶ କରିବାପାଇଁ ସ୍ଥିର ହୋଇଥିବା ଡ. କୁଶୁଲିଆ ସୂଚନା ଦେଇଥିଲେ। ବୈଠକରେ ପଶ୍ଚିମ ଓଡିଶା ସେବାସଂଘ ପ୍ରଦେଶ ଅଧ୍ୟକ୍ଷ ରାଜେଶ ବଗର୍ତ୍ତି, କର୍ମଚାରୀ ସଂଘର ସୁବଳ ରଣା, ଚିନିକଳ କାର୍ଯ୍ୟକ୍ଷମ କମିଟି ସଂଯୋଜକ ଦୟାମୟ ସାହୁ, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ଜିଲା ଅଧ୍ୟକ୍ଷ କପିଳ କୁମ୍ଭାର, ଅଜିତ ରଣା, ଅକ୍ଷୟ ପୁଟା, ଅଗ୍ରଣୀ ଆଖୁଚାଷୀ ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର

### କର୍ଲାମୁଣ୍ଡା ବ୍ଲକ


ସଂଯୁକ୍ତା ସାହୁ


ଜୟନ୍ତୀ ସାହୁ


ସୁରେଶ ଚୌଧୁରୀ

କର୍ଲାମୁଣ୍ଡା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ୨ଟି ଜିଲା ପରିଷଦ ଜୋନରେ ଏବେ ନିର୍ବାଚନ ପ୍ରଚାର ଜୋର ଧରିଛି। ଏହି ୨ଟି ଜୋନାରେ ବିଶେଷ କରି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ସୂଚନା ଯେ, ରେଗଡା, ଜୋରାଡ଼ବରା, ସାପଲହରା, ବରପଦର, ରିଞ୍ଜା, ସରଗୁଲ ମାଲପଡା ଆଦି ୬ଟି ପଞ୍ଚାୟତକୁ ନେଇ ଜିଲା ପରିଷଦ ଖ' ଜୋନ ଗଠିତ ହେଇଛି। ଏହି ଜୋନରେ ବିଜେଡି ପକ୍ଷରୁ ସରଗୁଲ ମାଲପଡା ସରପଞ୍ଚ ସଂଯୁକ୍ତା ସାହୁ ପ୍ରାର୍ଥିନୀ ପ୍ରଚାର ଜୋରଦାର କରିଥିବା ବେଳେ କଂଗ୍ରେସ ପକ୍ଷରୁ ରେଗଡାର ପୂର୍ବତନ ସରପଞ୍ଚ ତଥା କଳାହାଣ୍ଡି ଭିନ୍ନକ୍ଷମ ମଞ୍ଚ ସଭାପତି ସୁରେଶ ଚୌଧୁରୀ ଦିବ୍ୟାଙ୍ଗ ହୋଇଥିଲେ ହେଁ ନିର୍ବାଚନ ପ୍ରଚାର ପ୍ରସାରରେ ସମସ୍ତଙ୍କଠୁଁ ଆଗରେ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ଭାଜପା ପ୍ରାର୍ଥିନୀ ଜୟନ୍ତୀ ସାହୁ ମଧ୍ୟ ବିଜେଡି ସରକାରଙ୍କ ବିଫଳତାକୁ ମୁଦ୍ଦା କରି ଭୋଟରଙ୍କ ନିକଟତର ହୋଇ ଭୋଟଭିକ୍ଷା କରୁଛନ୍ତି। ସେହିପରି ଏହି ଜୋନରେ ଆମ ଆଦମୀ ପାର୍ଟି ପ୍ରାର୍ଥି ଧରଣୀ ସାହୁ ମଧ୍ୟ ଜୋରସୋରରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳୁଛି। ବ୍ଲକର ଅନ୍ୟ ଏକ ଜିଲା ପରିଷଦ କ' ଜୋନ ରିଷିଡା, ତେରେସିଙ୍ଗା, ରାଜପୁର, ଗଜବାହଲ, ପୌରକେଲା, କର୍ଲାମୁଣ୍ଡା ୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନାରେ ବିଜେଡିରୁ ରାଜପୁର ସରପଞ୍ଚ ମହେନ୍ଦ୍ର ରଣା ଜିଲା ପରିଷଦ ପ୍ରାର୍ଥି ନିର୍ବାଚନ ପ୍ରଚାର ଜୋରସୋରରେ ଚଳାଇ ସମସ୍ତଙ୍କଠୁଁ ଆଗରେ ଥିବା ବେଳେ ଭାଜପା ପକ୍ଷରୁ ମଧ୍ୟ ପୂର୍ବତନ ଜିଲା ପରିଷଦ ସଭ୍ୟ ନବୀନ ରଣା ପ୍ରାର୍ଥୀ ହୋଇ ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ପକ୍ଷରୁ ଜିଲା ପରିଷଦ ପ୍ରାର୍ଥି ରୀଙ୍କୁ ବାଗ ମଧ୍ୟ ଘରକୁ ଘର ଯାଇ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ଆମ ଆଦମୀ ପ୍ରାର୍ଥି ଦଶରଥ ସାହୁ ଭୋଟ ଭିକ୍ଷା ପାଇଁ ଗାଁକୁ ଗାଁ ଯାଇ ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

# ୪ ପଞ୍ଚାୟତରେ ସମିତି ସଭ୍ୟ ନିର୍ବାଚନକୁ ନେଇ ଚର୍ଚ୍ଚା

ଅମରପାଲି, ୮।୨(ଡି.ଏନ.ଏ)

### ବୀରମହାରାଜପୁର ବ୍ଲକ


ନାରାୟଣ ଲୁହା


ଶାନ୍ତି ଲୁହା


ଗୁରୁଚରଣ ନାଏକ


ବନିତା ନାଏକ

ଚଳିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଗୋଟିଏ ପରିବାରର ଏକାଧିକ ସଦସ୍ୟ ଭିନ୍ନ ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୪ଟି ପଞ୍ଚାୟତରେ ସମିତି ସଭ୍ୟ ନିର୍ବାଚନକୁ ଦେଖିଲେ ଏହା ବାରି ହୋଇ ପଡୁଛି। ଦୁଇ ଯୋଡା ସ୍ତ୍ରୀସ୍ୱାମୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ସମସ୍ତେ ଅନୁସୂଚିତ ଜାତିର। ସେମାନେ ଗୋଟିଏ ପଞ୍ଚାୟତ ପାଇଁ ନୁହେଁ ଭିନ୍ନ ପଞ୍ଚାୟତ ପାଇଁ ସମିତିସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଫୁଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ନାରାୟଣ ଲୁହା ଉକ୍ତ ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ବିପକ୍ଷରେ କେବଳ ଜଣେ ମାତ୍ର ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ତାଙ୍କ ସ୍ତ୍ରୀ ଶାନ୍ତି ଲୁହା ବ୍ଲକ ବିଜେଡି ମହିଳା ସମ୍ପାଦିକା ଅଛନ୍ତି। ସେ ଲୁତୁରପଙ୍କ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇସାରିଛନ୍ତି। ସେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୌଡରେ ଆଗରେ ଥିବା ଚର୍ଚ୍ଚା ହେଉଛି। ଅନୁରୂପଭାବେ ହିଲୁଙ୍ଗ ପଞ୍ଚାୟତରୁ ବର୍ତ୍ତମାନର ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା ସନ୍ତୋଷ ଭୋଇଙ୍କ ଏକାନ୍ତ ଅନୁଗତ ଗୁରୁଚରଣ ନାଏକ ସମିତି ସଭ୍ୟ ପ୍ରାର୍ଥୀ ହୋଇଛନ୍ତି। ସେହିପରି ତାଙ୍କ ସ୍ତ୍ରୀ ବନିତା ନାଏକ ଦୁର୍ଜନତୈଳା ପଞ୍ଚାୟତରୁ ସମିତିସଭ୍ୟ ଭାବେ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଅନୁସୂଚୀତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ସେମାନଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ସ୍ୱାସ୍ଥ୍ୟମନ୍ତ୍ରୀ


ନିର୍ବାଚନୀ ପ୍ରଚାରରେ ଉପସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ।

କୋକସରା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ୩ଟି ଜିଲା ପରିଷଦ ଜୋନରେ ଭାଜପା ପ୍ରାର୍ଥିମାନେ ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ବାଜିମାତ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ଗଡ଼ ରକ୍ଷା କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ନବ କିଶୋର ଦାସ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସେ କୋକସରା ବ୍ଲକର ୨ ନଂ. ଜୋନ ପ୍ରାର୍ଥୀ ତ୍ରିନାଥ ବାଗ ଓ ମୋଟେର ୩ ନଂ. ଜୋନ ପ୍ରାର୍ଥୀ ବୈଜୟନ୍ତି ପୂଜାରୀ ପାଇଁ ନିର୍ବାଚନି ପ୍ରଚାର କରିଛନ୍ତି। ବ୍ଲକର ଚିଲିଗୁଡା, କୋକସରା, ଗମ୍ଭାରୀଗୁଡା, ଲଦୁଗାଁ, ସୁନାମାଳ, ଟେମରା, ମାଝିଗୁଡା, ଝରିଆଗୁଡା ଓ ଡହଗାଁଠାରେ ଦଳୀୟ ଜିଲା ପରିଷଦ ପ୍ରାର୍ଥିଙ୍କ ପାଇଁ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ବିକାଶଧାରାକୁ ନେଇ ପ୍ରଚାର କରିଛନ୍ତି। ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଭୋଟରଙ୍କୁ ନିବେଦନ କରିଛନ୍ତି। ତାଙ୍କ ସହ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ ବିଧାୟକ ମୌସଧି ବାଗ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିସାରି, ବଦ୍ରି ନାରାୟଣ ପଟ୍ଟନାୟକ, ପର୍ଶୁରାମ ପ୍ରଧାନୀ, ନାରିନେତ୍ରୀ ଅଶୋକା ନାଏକ, ବିଧାୟକ ପ୍ରତିନିଧି ମାନସ ରନ ବାଗଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ପଞ୍ଚାୟତ ନିର୍ବାଚନରେ ହେଭିୱେଟ୍‌ଙ୍କ ମାରାଥନ ପ୍ରଚାର

ବଲାଙ୍ଗୀର ଅଫିସ, ୮।୨



**ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡି, କଂଗ୍ରେସ, ଭାଜପା**

- ମନ୍ତ୍ରୀ, ବିଧାୟକଙ୍କ ପାଇଁ ସମ୍ମାନର ଲଢ଼େଇ
- ଆଉ ଗୋଟିଏ ସପ୍ତାହ ପରେ ପଞ୍ଚାୟତ ନିର୍ବାଚନ

ସପ୍ତାହକ ପରେ ଆରମ୍ଭ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ନିର୍ବାଚନ ତାରିଖ ପାଖକୁ ଆସୁଥିବାବେଳେ ନିର୍ବାଚନୀ ପ୍ରଚାର ଜମୁଛି। କୋଭିଡ କଟକଣା କୋହଳ ହେବା ପରେ ନିର୍ବାଚନ ମଇଦାନରେ ମନ୍ତ୍ରୀ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ସେମାନଙ୍କ ସାଙ୍ଗଠନିକ ଦକ୍ଷତା ପ୍ରତିପାଦିତ କରିବା ପାଇଁ ପ୍ରୟାସ କରୁଛନ୍ତି। ବଲାଙ୍ଗୀର ଜିଲାରେ ଜିଲା ପରିଷଦ ନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପୂରାଦମ୍‌ରେ ଲଢ଼େଇ କରୁଛନ୍ତି।

ଜିଲାରେ ୩୪ଟି ଜିଲା ପରିଷଦ ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ଚାଲିଛି। ଏଥିସକାଶେ ହେଭିୱେଟ୍ ନେତାମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ପକ୍ଷରୁ ମଙ୍ଗ ଧରିଛନ୍ତି ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକ ଟୁକୁନୀ ସାହୁ। ତାଙ୍କ ସହ ଜିଲାରେ ପୂରା ଦମ୍‌ରେ ଲଢୁଛନ୍ତି ପାଟଣାଗଡ ବିଧାୟକ ସରୋଜ ମେହେର, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ପୂର୍ବତନ ବିଧାୟକ ଆୟୁବ ଖାନ୍, ଅଜୟ ଦାସ, ଲକ୍ଷ୍ମଣ ମେହେର, ଗୋଲାପ ବାଗ, ନିହାର ରଞ୍ଜନ ବେହେରା, ସୁଶୀଲ ଚାନ୍ଦ ପ୍ରମୁଖ। କଂଗ୍ରେସ ମଙ୍ଗ ଧରିଛନ୍ତି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ତାଙ୍କ ସହ ତାଳ ମିଳାଉଛନ୍ତି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ରମେଶ ପୁରୋହିତ, ମନମୋହନ ପଟେଲ, ସାନନ୍ଦ ମିଶ୍ର, ଉମାକାନ୍ତ ସାହୁ, କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, ରାମଜୀ ଚୌଧୁରୀ, ଅମିତ ତ୍ରିପାଠୀ, ମନୀଷ ମିଶ୍ର, ଅସିତ୍ ମିଶ୍ର, ବୁଲୁ ଦାନୀ । ଭାଜପା ଟିମ୍‌ରେ ପ୍ରଚାର ଗୋଟି ଚାଳନା କରୁଛନ୍ତି ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଲକ୍ଷ୍ମଣ ବାଗ, ଅନନ୍ତ ଦାଶ, ଅଶୋକ ଦୋରା, ଭକ୍ତବନ୍ଧୁ ନାଏକ, ରାକେଶ ମିଶ୍ର, ମୁକେଶ ଜୈନ୍, ମହେନ୍ଦ୍ର ସିଂ ଠାକୁର, ଶ୍ରୀବତ୍ସ ବେହେରା, ନୀଳମଣି ପାଣିଗ୍ରାହୀ ପ୍ରମୁଖ ।

୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ମ୍ୟାଜିକ କାମ କରିଥିଲା। ଜିଲାରେ ୨୪ ଜିଲା ପରିଷଦ ଆସନ ଅକ୍ତିଆର କରି ଦଳ ଜିଲା ପରିଷଦ ଗଠନ କରିଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଜିଲାରେ କୌଣସି ଗୋଟିଏ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିବା ସ୍ଥିତି ସ୍ପଷ୍ଟ ହୋଇନାହିଁ। ବିଜେଡି ଓ କଂଗ୍ରେସ ପ୍ରଚାର ଅଭିଯାନରେ ଆଗୁଆ ରହିଥିଲେ ହେଁ ଭାଜପା ମଧ୍ୟ ଟକ୍କର ସ୍ଥିତିରେ ରହିଛି। ବିଜେଡି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ଜନକଲ୍ୟାଣକାରୀ ଶାସନକୁ ପାଥେୟ କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଚାହୁଁଛି। ଦଳୀୟ ପ୍ରାର୍ଥୀ ଓ ନେତାଙ୍କ ତୁଣ୍ଡରେ ନବୀନଙ୍କ ଗୁଣଗାନ ଓ ଦୀର୍ଘ ୨୨ ବର୍ଷର ଶାସନ କଥା ଶୁଭୁଛି। କଂଗ୍ରେସ ଉଭୟ ବିଜେଡି ଓ ଭାଜପାର ବିଫଳତାକୁ ପ୍ରସଙ୍ଗ କରିଛି। ଚାଷୀ ସମସ୍ୟା, ଧାନକିଣା ଅବ୍ୟବସ୍ଥା, ମମିତା ମେହେର ହତ୍ୟାକାଣ୍ଡ, ନାରୀ ନିର୍ଯାତନା, ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରସଙ୍ଗ କରି ଲୋକଙ୍କ ପାଖକୁ ଯାଉଛି। ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି, ଜନକଲ୍ୟାଣକାରୀ ଯୋଜନା, ମମିତା ହତ୍ୟାକାଣ୍ଡ, ଧାନବିକ୍ରି ଅବ୍ୟବସ୍ଥାକୁ ପ୍ରସଙ୍ଗ କରି ଲୋକଙ୍କୁ ଅବଗତ କରୁଛନ୍ତି। ଜିଲା ପରିଷଦ ଜୋନ୍ ନମ୍ବର ୧୩ରେ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ନାକଚ୍ ହୋଇଯିବା ପରେ ଏବେ ଭାଜପାର ୩୩ଟି ପ୍ରାର୍ଥୀ ନିର୍ବାଚନ ରଙ୍ଗାଙ୍ଗନରେ ରହିଛନ୍ତି। ମନ୍ତ୍ରୀ, ବିଧାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ନିଜ ନିଜ ପ୍ରାର୍ଥୀଙ୍କ ସହ ଗାଁ ଗାଁରେ ପ୍ରଚାର କରୁଥିବା ଦେଖାଯାଉଛି।